Bhubaneswar- 5 June 2026
ଭୁବନେଶ୍ୱର- ୫ ଜୁନ୍ ୨୦୨୬
Vol- 1 Issue - 40
ଭାଗ- ୧ ସଂଖ୍ୟା- ୪୦
www.pratishabda.com
Email : pratishabda7@gmail.com
Also Available In : YouTube

ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
«ଯୋଗାଯୋଗ»
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୭୯୨୭୦୧୦୦୭

ପୁରୀରେ ବ୍ରିକ୍ସ ରାଷ୍ଟ୍ର ସମୂହ 'ବିପର୍ଯ୍ୟୟ ଆଶଙ୍କା ହ୍ରାସ ଗ୍ରୁପ' ବୈଠକ

ଓଡିଶାର ବିପର୍ଯ୍ୟୟ ପରିଚାଳନା ବିଶ୍ୱସ୍ତରୀୟ ମଡେଲ୍

- ➤ ବିପର୍ଯ୍ୟୟ ପ୍ରସ୍ତୁତିକୁ ସୁଦୃଢ କରିବ କୋଷ୍ଟାଲ୍ ରାଜମାର୍ଗ
- ➤ ବ୍ରିକ୍ସ ମଞ୍ଚରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୋହନ
- ➤ ଟେକ୍ନିକାଲ ସେସନ୍ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ପୁରୀ : ପୁରୀରେ ବ୍ରିକ୍ସ ରାଷ୍ଟ୍ର ସମୂହ 'ବିପର୍ଯ୍ୟୟ ଆଶଙ୍କା ହ୍ରାସ ଗ୍ରୁପ' ବୈଠକର ଟେକ୍ନିକାଲ ସେସନ୍‌ର ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ । ବିପର୍ଯ୍ୟୟ ପରିଚାଳନା ପାଇଁ ଏକ ବିଶ୍ୱସ୍ତରୀୟ ଫ୍ରେମ୍‌ୱାର୍କ କରିବାରେ ପୁରୀ ଅଧିବେଶନ ସହାୟକ ହେବ । ଓଡ଼ିଶାର ବିଶ୍ୱସ୍ତରୀୟ ବିପର୍ଯ୍ୟୟ ପରିଚାଳନା ମଡେଲ୍‌କୁ ବ୍ରିକ୍ସ ରାଷ୍ଟ୍ର ସମୂହ ନିକଟରେ ଉପସ୍ଥାପିତ କଲେ ମୁଖ୍ୟମନ୍ତ୍ରୀ । ନିକଟରେ ମଞ୍ଜୁରୀ ପାଇଥିବା ଉପକୂଳ ରାଜପଥ ଓଡିଶାର ବିପର୍ଯ୍ୟୟ ପ୍ରସ୍ତୁତିକୁ ସୁଦୃଢ କରିବାରେ ସହାୟକ ହେବ, ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ । ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅଧିକ ବିଶ୍ୱସ୍ତରୀୟ ଓ ଆନ୍ତରାଜ୍ୟ ସ୍ତରୀୟ ସହଯୋଗ ପାଇଁ ଆହ୍ୱାନ ଦେଲେ ମୁଖ୍ୟମନ୍ତ୍ରୀ ।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପବିତ୍ର ସହର ପୁରୀରେ ବ୍ରିକ୍ସ ବିପର୍ଯ୍ୟୟ ଆଶଙ୍କା ହ୍ରାସ ଗ୍ରୁପ ର ବୈଷୟିକ ବୈଠକକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ବିପର୍ଯ୍ୟୟ ପ୍ରତିରୋଧ, ଜଳବାୟୁ ଅନୁକୂଳ ଏବଂ ସ୍ଥାୟୀ ବିକାଶ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ଦୋହରାଇବା ସହ ଜଳବାୟୁ ପରିବର୍ତ୍ତନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ବଢୁଥିବା ଆହ୍ୱାନ ଗୁଡ଼ିକର ମୁକାବିଲା ପାଇଁ ଅନ୍ତର୍ଜାତୀୟ ଓ ଆନ୍ତଃ-ରାଜ୍ୟ ସହଯୋଗ ବୃଦ୍ଧି କରିବାକୁ ଆହ୍ୱାନ ଦେଇଛନ୍ତି। ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ପ୍ରତିନିଧି, ବିଶେଷଜ୍ଞ ଏବଂ ସଦସ୍ୟମାନଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ଏହି ସମ୍ମିଳନୀକୁ ବିଶ୍ୱସ୍ତରୀୟ ବିପର୍ଯ୍ୟୟ ଆଶଙ୍କା ହ୍ରାସ ପ୍ରୟାସକୁ ଆଗକୁ ନେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ ବର୍ଣ୍ଣନା କରିଛନ୍ତି।ସେ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ଏହି ବୈଠକର ମୂଳ ବିଷୟବସ୍ତୁ ହେଉଛି ବିପର୍ଯ୍ୟୟ ପରିଚାଳନାରେ "ପ୍ରତିରୋଧ, ଅଭିନବତ୍ୱ, ସହଯୋଗ ଏବଂ ସ୍ଥାୟୀ ବିକାଶ ପାଇଁ ପ୍ରସ୍ତୁତି" । ଜୀବନ, ଜୀବିକା ଏବଂ ଆଗାମୀ ପିଢ଼ିକୁ ସୁରକ୍ଷିତ ରଖିବା ପାଇଁ ଏ କ୍ଷେତ୍ରରେ ଅନ୍ତର୍ଜାତୀୟ ସମୁଦାୟ ଅଧିକ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ଏହି ଅଧିବେଶନକୁ ସମ୍ବୋଧିତ କରି ଶ୍ରୀ ମାଝୀ କହିଛନ୍ତି ଯେ, ବିପର୍ଯ୍ୟୟ ଆଶଙ୍କା ହ୍ରାସ ଏବେ କେବଳ ଏକ ସ୍ୱତନ୍ତ୍ର ସୀମାବଦ୍ଧ ବିଷୟ ହୋଇ ରହିନାହିଁ, ବରଂ ଏହା ସ୍ଥାୟୀ ବିକାଶ, ଅର୍ଥନୈତିକ ସ୍ଥିରତା ଏବଂ ସୁରକ୍ଷାର ମୂଳଦୁଆ ପାଲଟିଛି। ସେ କହିଛନ୍ତି ଯେ ଜଳବାୟୁ ପରିବର୍ତ୍ତନ, ଦ୍ରୁତ ସହରୀକରଣ ଏବଂ ପରିବେଶର ଅବକ୍ଷୟ ଯୋଗୁଁ ସାରା ବିଶ୍ୱରେ ବାରମ୍ବାର ବିପର୍ଯ୍ୟୟ ହେବା ସହିତ ଏହାର ତୀବ୍ରତା ମଧ୍ୟ ବୃଦ୍ଧି ପାଉଛି। ଏଥିପାଇଁ ଦୃଢ଼ ପ୍ରସ୍ତୁତି ଏବଂ ସମନ୍ୱିତ ପଦକ୍ଷେପ ଆବଶ୍ୟକ।ମୁଖ୍ୟମନ୍ତ୍ରୀ ସମଗ୍ର ବିଶ୍ୱଦ୍ୱାରା ଓଡ଼ିଶାର ସ୍ୱୀକୃତିପ୍ରାପ୍ତ ବିପର୍ଯ୍ୟୟ ପରିଚାଳନା ମଡେଲ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଆମର ବିପର୍ଯ୍ୟୟ ପରିଚାଳନା ମଡେଲ "ଶୂନ୍ୟ ମୃତ୍ୟୁହାର" ର ନୀତି ଉପରେ ଆଧାରିତ। ସେ କହିଛନ୍ତି ଯେ ପ୍ରମାଣ-ଆଧାରିତ ଯୋଜନା, ସୁଦୂରପ୍ରସାରୀ ଆଗୁଆ ସୂଚନା ପ୍ରଣାଳୀ, ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି, ବିଭିନ୍ନ ସଂସ୍ଥାର କ୍ଷମତା ବୃଦ୍ଧି ଏବଂ ସମାବେଶୀ ଶାସନ ବ୍ୟବସ୍ଥା ମାଧ୍ୟମରେ ଓଡ଼ିଶା ନିଜର ବିପର୍ଯ୍ୟୟ ପ୍ରସ୍ତୁତି ବ୍ୟବସ୍ଥାକୁ କ୍ରମାଗତ ଭାବରେ ସୁଦୃଢ଼ କରୁଛି। ବାତ୍ୟା, ଗ୍ରୀଷ୍ମ ପ୍ରବାହ, ବଜ୍ରପାତ, ଉପକୂଳ କ୍ଷୟ ଏବଂ ଜଳବାୟୁ ପ୍ରେରିତ ସହରୀ ଆଶଙ୍କା ପ୍ରତି ଓଡ଼ିଶାର ଆଶଙ୍କା ବିଷୟରେ ଉଲ୍ଲେଖ କରି ଶ୍ରୀ ମାଝୀ ପ୍ରତିରୋଧ-ନିର୍ମାଣ ପଦକ୍ଷେପଗୁଡ଼ିକରେ ନିରନ୍ତର ନୂତନ ପଦକ୍ଷେପର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, "ପୂର୍ବ ପ୍ରସ୍ତୁତି, ଦୃଢ଼ ଅନୁଷ୍ଠାନ ଏବଂ କମ୍ୟୁନିଟି ସହଭାଗିତା ଜରିଆରେ ବିପର୍ଯ୍ୟୟର ପ୍ରଭାବକୁ ଯଥେଷ୍ଟ ହ୍ରାସ କରାଯାଇ ପାରିବ। ତେବେ, ଆଗାମୀ ଦିନର ଆହ୍ୱାନଗୁଡ଼ିକ ପାଇଁ ଆହୁରି ଅଧିକ ପ୍ରୟାସ, ସୁଦୃଢ଼ ସହଭାଗିତା ଏବଂ ଉନ୍ନତ ବୈଷୟିକ କ୍ଷମତାର ଆବଶ୍ୟକତା ରହିଛି।"ଭାରତର ବିକାଶ ଏଜେଣ୍ଡାର କେନ୍ଦ୍ରବିନ୍ଦୁରେ ବିପର୍ଯ୍ୟୟ ଆଶଙ୍କା ହ୍ରାସକୁ ସ୍ଥାନିତ କରିଥିବାରୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱକୁ ପ୍ରଶଂସା କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ବିପର୍ଯ୍ୟୟ ଆଶଙ୍କା ହ୍ରାସ ପାଇଁ ପ୍ରଧାନମନ୍ତ୍ରୀଙ୍କ ଦଶ-ଦଫା କାର୍ଯ୍ୟସୂଚୀ ଏକ ବିସ୍ତୃତ ରୂପରେଖ ପ୍ରଦାନ କରିଛି। ଏହା ପ୍ରତିରୋଧ, ପ୍ରସ୍ତୁତି, ପ୍ରଯୁକ୍ତିବିଦ୍ୟା ପ୍ରୟୋଗ, ଆଶଙ୍କା-ଭିତ୍ତିକ ବିକାଶ ଏବଂ ଅନ୍ତର୍ଜାତୀୟ ସହଯୋଗ ଉପରେ କେନ୍ଦ୍ରୀଭୂତ ବୋଲି ସେ କହିଥିଲେ। ବିପର୍ଯ୍ୟୟ ଆଶଙ୍କା ହ୍ରାସ ଦିଗରେ ପ୍ରତିରୋଧୀ ଭିତ୍ତିଭୂମିର ଭୂମିକା ସମ୍ପର୍କରେ ଆଲୋକପାତ କରି ଶ୍ରୀ ମାଝୀ ସୂଚନା କହିଛନ୍ତି ଯେ, ନିକଟରେ ଅନୁମୋଦିତ ହୋଇଥିବା ପ୍ରାୟ ୮,୩୦୧ କୋଟି ଟଙ୍କାର ବ୍ୟୟ ଅଟକଳରେ ରାମେଶ୍ୱରରୁ ପାରାଦୀପ ୧୬୦ କିଲୋମିଟର ବିଶିଷ୍ଟ ଗ୍ରୀନଫିଲ୍ଡ ଉପକୂଳ ରାଜମାର୍ଗ ଓଡ଼ିଶାର ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ମୁକାବିଲା କ୍ଷମତାକୁ ଯଥେଷ୍ଟ ଶକ୍ତିଶାଳୀ କରିବ।ଏହି ପ୍ରକଳ୍ପ ଓଡ଼ିଶାର ବାତ୍ୟା ପ୍ରବଣ ଉପକୂଳରେ ଏକ ଦୃଢ଼ ବିକଳ୍ପ ପରିବହନ କରିଡର ପ୍ରଦାନ କରିବ ବୋଲି ଆଶା କରାଯାଉଛି, ଯାହା ଗୁରୁତର ବିପର୍ଯ୍ୟୟ ସମୟରେ ଦ୍ରୁତ ଗଣ-ସ୍ଥାନାନ୍ତରଣକୁ ସୁଦୃଢ କରିବ, ବାଧାହୀନ ଯୋଗାଣ ଶୃଙ୍ଖଳା ସୁନିଶ୍ଚିତ କରିବ ଏବଂ ଜରୁରୀକାଳୀନ ମୁକାବିଲା ତଥା ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ।ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଏହି ପ୍ରକଳ୍ପ ଓଡ଼ିଶା ପାଇଁ ଅନୁମୋଦିତ ଅନ୍ୟାନ୍ୟ ରୂପାନ୍ତରଣମୂଳକ ଭିତ୍ତିଭୂମି ପଦକ୍ଷେପଗୁଡ଼ିକର ପରିପୂରକ । ଏହା ହେଉଛି- ପ୍ରାୟ ୮,୩୦୭ କୋଟି ଟଙ୍କାର ବିନିଯୋଗରେ ୧୧୧ କିଲୋମିଟର ବ୍ୟାପୀ କ୍ୟାପିଟାଲ ରିଜିଅନ ରିଙ୍ଗ ରୋଡ ପ୍ରକଳ୍ପ। ନୀତି ଆୟୋଗର ସହାୟତାରେ କେନ୍ଦ୍ରୀୟ ଅନୁଦାନରୁ ୫,୦୦୦ କୋଟି ଟଙ୍କା ବ୍ୟୟରେ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ ପ୍ରକଳ୍ପ।

କେରଳ ଛୁଇଁଲା ମୌସୁମୀ

ନୂଆଦିଲ୍ଲୀ : କେରଳ ଛୁଇଁଲା ମୌସୁମୀ। କେରଳରେ ମୌସୁମୀ ପହଞ୍ଚିଛି। ପାଣିପାଗ ବିଭାଗ (ଆଇଏମଡି) କହିଛି ଯେ ମୌସୁମୀ ଭାରତରେ ପ୍ରବେଶ କରିଛି। କେରଳରେ ମୌସୁମୀ ଆସିବାର ଆନୁଷ୍ଠାନିକ ଘୋଷଣା କରି, ଆଇଏମଡି କହିଛି ଯେ ଆଗାମୀ ତିନିରୁ ଚାରି ଦିନ ମଧ୍ୟରେ ମୌସୁମୀ କର୍ଣ୍ଣାଟକ ଉପକୂଳ ଦେଇ ଗୋଆ ଆଡକୁ ଅଗ୍ରସର ହେବ। ପରିସ୍ଥିତି ଅନୁକୂଳ ଅଛି। ଜୁନ୍ ୧୦ ତାରିଖ ପରେ ମୌସୁମୀ ଧୀରେ ଧୀରେ କମିପାରେ। ପାଣିପାଗ ବିଭାଗ ଅନୁଯାୟୀ, ମୌସୁମୀ କେରଳରେ ପହଞ୍ଚିଛି। ଗତକାଲି ରାତିରୁ କେରଳର ଅନେକ ସ୍ଥାନରେ ପ୍ରବଳ ବର୍ଷା ହେଉଛି। ପାଣିପାଗ ବିଭାଗ କହିଛି ଯେ ମୌସୁମୀ ଭାରତରେ ପ୍ରବେଶ କରିଛି। କେରଳରେ ମୌସୁମୀ ଆସିବାର ସରକାରୀ ଘୋଷଣା ସହିତ, ଦିଲ୍ଲୀ-ଏନସିଆର ଏବଂ ଦେଶର ଅନ୍ୟାନ୍ୟ ଅଂଶ କେବେ ଗରମରୁ ଆରାମ ପାଇବେ ତାହା ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି। ପାଣିପାଗ ବିଭାଗ ଆକଳନ କରିଛି ଯେ ଆଗାମୀ ଦୁଇରୁ ଚାରି ଦିନ ମଧ୍ୟରେ ଉତ୍ତର ପ୍ରଦେଶ, ଦିଲ୍ଲୀ ଏବଂ ଦେଶର ଅନ୍ୟାନ୍ୟ ସ୍ଥାନରେ ଗରମରୁ ମୁକ୍ତି ମିଳିବାର ସମ୍ଭାବନା ଅଛି। ଦକ୍ଷିଣ-ପଶ୍ଚିମ ମୌସୁମୀର ଅଗ୍ରଗତି ସମ୍ପର୍କରେ, ପାଣିପାଗ ବିଭାଗ କହିଛି ଯେ ଆଗାମୀ ତିନିରୁ ଚାରି ଦିନ ମଧ୍ୟରେ ମୌସୁମୀ କର୍ଣ୍ଣାଟକ ଉପକୂଳ ଦେଇ ଗୋଆର ଅକ୍ଷାଂଶକୁ ଅଗ୍ରସର ହେବ। ବର୍ତ୍ତମାନ, ମୌସୁମୀର ଅଗ୍ରଗତି ପାଇଁ ପାଗ ଅନୁକୂଳ ଦେଖାଯାଉଛି। ଆଇଏମଡି ବୈଜ୍ଞାନିକମାନେ ପୂର୍ବାନୁମାନ କରିଛନ୍ତି ଯେ ଜୁନ୍ ୧୦ ପରେ ମୌସୁମୀର ଅଗ୍ରଗତି ମନ୍ଥର ହୋଇଯିବ।ମୌସୁମୀ ଆଗମନ ପୂର୍ବରୁ, ପାଣିପାଗ ବିଭାଗ (ଆଇଏମଡି) ଗୁରୁବାର ସକାଳେ ତିନୋଟି ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ଏହି ସତର୍କତା ଆଲପୁଝା, କୋଟ୍ଟାୟମ ଏବଂ ଏର୍ଣ୍ଣାକୁଲମ ଜିଲ୍ଲା ପାଇଁ ତିନି ଘଣ୍ଟା ପାଇଁ ପ୍ରଭାବଶାଳୀ ରହିବ। ରାଜ୍ୟର କିଛି ସ୍ଥାନରେ ପ୍ରବଳ ବର୍ଷା ଏବଂ ବଜ୍ରପାତ ହେବାର ପୂର୍ବାନୁମାନ କରିଛି ପାଣିପାଗ ବିଭାଗ।

ଅବକାରୀ ପୋଲିସର ଥାର୍ଡ଼ ଡିଗ୍ରୀ ଘଟଣା

ବଦଳିଲେ ଏସଆଇ ଛାୟାକାନ୍ତ

କେନ୍ଦ୍ରାପଡା : ଚୋରାମଦ ବିରୁଦ୍ଧରେ ସ୍ୱର ଉଠାଉଥିବା ବିନୋଦଙ୍କ ଉପରେ ଅବକାରୀ ପୋଲିସର ଥାର୍ଡ଼ ଡିଗ୍ରୀ ଘଟଣାରେ ଏସଆଇ ଛାୟାକାନ୍ତ ନାୟକଙ୍କୁ ବଦଳି କଲେ ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷକ । କିଛି ଦିନ ତଳେ ଅବକାରୀ ବିଭାଗ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରିବାକୁ ଆସିଥିଲେ। ରାଜନଗର ବ୍ଲକ ଧାନଦିଆ ଛକରେ ପହଞ୍ଚି ଜଣେ ଚୋରା ମଦବେପାରୀକୁ ଧରିଥିଲେ। ଏହି ସମୟରେ ଚୋରା ମଦ ବେପାର ବିରୁଦ୍ଧରେ ବାରମ୍ବାର ଜିଲ୍ଲା ପ୍ରଶାସନ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ବାରଦିଆ ଗ୍ରାମର ବିନୋଦ ଦାସ ଫଟୋ ଉଠାଇଥିଲେ। ଫଟୋ ଉଠାକୁ ସବ ଇନିସପେକ୍ଟର ଶ୍ରୀ ନାୟକ ବିରୋଧ କରିଥିଲେ। ଏପରିକି ଫଟୋ ନ ଉଠାଇବାକୁ ତାଗିଦ କରିଥିଲେ। ବିନୋଦ ଫଟୋ ଉଠାଇବାରୁ ଶ୍ରୀ ନାୟକ କର୍ମଚାରୀ ମାନଙ୍କୁ ବିନୋଦଙ୍କୁ ଗାଡିକୁ ଉଠାଇ ନେବାକୁ ନିର୍ଦ୍ଦେଶ ଦେଇଥିଲେ। କର୍ମଚାରୀମାନେ ବିନୋଦଙ୍କୁ ଗାଡିକୁ ଉଠାଇ ନେଇ ଥାର୍ଡ଼ ଡିଗ୍ରୀ ଦେଇଥିଲେ ଏହି ସବ ଇନିସପେକ୍ଟର ଛାୟାକାନ୍ତ ନାୟକ। ତାଙ୍କୁ ସସପେଣ୍ଡ କରିବା ପରିବର୍ତ୍ତେ ମାର୍ଶାଘାଇକୁ ବଦଳି କରାଯାଇଛି। ଚିଠି ନମ୍ବର ୮୬୧ ରେ ତା ୦୪/୦୬/୨୦୨୬ ରିଖ ଅନୁଯାୟୀ ତାଙ୍କୁ ବଦଳି କରିଛନ୍ତି କେନ୍ଦ୍ରାପଡ଼ା ଅବକାରୀ ବିଭାଗ ଅଧିକ୍ଷକ ବିପ୍ରଚରଣ ମଣ୍ଡଳ। ସେହିପରି ଏହି ଘଟଣାରେ ସଂପୃକ୍ତ ଏଏସଆଇ ପ୍ରଦୀପ କୁମାର ମଲ୍ଲିକ ଏବଂ କନେଷ୍ଟବଳ ରାମକୃଷ୍ଣ ଦାସଙ୍କୁ ଆଳିକୁ ବଦଳି କରାଯାଇଛି।

ଦେବାଶିଷ ସାମନ୍ତରାୟ ବିଜେପି ରାଜ୍ୟସଭା ପ୍ରାର୍ଥୀ

ଭୁବନେଶ୍ୱର : ଦେବାଶିଷ ସାମନ୍ତରାୟଙ୍କୁ ବିଜେପି ଗୁରୁବାର ରାଜ୍ୟସଭା ପ୍ରାର୍ଥୀ ଘୋଷଣା କରିଛି। ଓଡ଼ିଶା ପାଇଁ ହେବାକୁ ଥିବା ରାଜ୍ୟସଭା ଉପନିର୍ବାଚନ ସକାଶେ ଦେବାଶିଷଙ୍କୁ ପ୍ରାର୍ଥୀ କରିଛି ବିଜେପି। ଦେବାଶିଷ ବିଜେଡି ଛାଡ଼ିବା ସହିତ ରାଜ୍ୟସଭା ପଦରୁ ଇସ୍ତଫା ଦେବା ପରେ ଏହି ଆସନ ଖାଲିପଡ଼ିଛି। ୨୦୨୪ ଏପ୍ରିଲରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଦେବାଶିଷ ସାମନ୍ତରାୟ। ତାଙ୍କ କାର୍ଯ୍ୟକାଳ ୨୦୩୦ ଏପ୍ରିଲ ୩ ତାରିଖରେ ଶେଷ ହୋଇଥା'ନ୍ତା। ତା' ପୂର୍ବରୁ ୨୦୨୬ ମେ' ୨୫ ତାରିଖରେ ସେ ଏହି ପଦରୁ ଇସ୍ତଫା ଦେଇଥିଲେ। ଦେବାଶିଷ ବିଜେଡି ଟିକେଟରେ ରାଜ୍ୟସଭାକୁ ଯାଇଥିଲେ। ମେ' ୨୫ରେ ସେ ବିଜେଡିରୁ ଇସ୍ତଫା ଦେବା ସହିତ ରାଜ୍ୟସଭା ସାଂସଦ ପଦ ମଧ୍ୟ ଛାଡ଼ି ଦେଇଥିଲେ। ମେ' ୨୬ରେ ସେ ବିଜେପିରେ ଯୋଗ ଦେଇଥିଲେ। ତେଣୁ ବିଜେପି ତାଙ୍କୁ ଏହି ଉପନିର୍ବାଚନରେ ପ୍ରାର୍ଥୀ କରି ରାଜ୍ୟସଭାକୁ ପଠାଇବାର ଅଧିକ ସମ୍ଭାବନା ରହିଥିଲା। ଦେବାଶିଷ ସାମନ୍ତରାୟ ୩ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୦ ମସିହାରେ ବିଜେଡି ଟିକେଟରେ ତିର୍ତ୍ତୋଲ ଆସନରୁ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହା ପରେ ୨୦୦୯ ଓ ୨୦୧୪ରେ ସେ ବିଜେଡି ଟିକେଟରେ ବାରବାଟୀ-କଟକ ଆସନରୁ ବିଧାନସଭାକୁ ଯାଇଥିଲେ। ୨୦୧୯ରେ ସେ ଏହି ଆସନରେ ମହମ୍ମଦ ମୋକିମଙ୍କଠାରୁ ପରାସ୍ତ ହୋଇଯାଇଥିଲେ।ରାଜ୍ୟସଭା ଉପନିର୍ବାଚନ ଜୁନ୍ ୮ ହେଉଛି ପ୍ରାର୍ଥୀପତ୍ର ଦାଖଲ କରିବାର ଶେଷ ତାରିଖ। ଜୁନ୍ ୯ରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାର ଶେଷ ତାରିଖ ହେଉଛି ଜୁନ୍ ୧୧।

ରାଜ୍ୟରେ ୫୦ରୁ ଅଧିକ ସ୍ଥାନର ବଦଳିବ ନାମ ପରିବର୍ତ୍ତନ

- ➤ ଓଡ଼ିଶାଭାଷା ପ୍ରତିଷ୍ଠାନକୁ ଚିଠି କଲା ରାଜସ୍ୱବିଭାଗ
- ➤ ବିଶେଷଜ୍ଞ କମିଟି କଲେ ସୁପାରିସ

ଭୁବନେଶ୍ୱର : ରାଜ୍ୟରେ ବିଭିନ୍ନ ଜିଲ୍ଲା, ଜିଲ୍ଲା ସଦର ମହକୁମା, ଉପଖଣ୍ଡ, ବ୍ଲକ ଓ ତହସିଲର ତ୍ରୁଟିପୂର୍ଣ୍ଣ ଇଂରାଜୀ ନାମ ହେବ ସଂଶୋଧନ। ଓଡ଼ିଆ ନାମ ସଂଶୋଧନ ଦିଗରେ ରାଜ୍ୟ ସରକାର ଆଉ ଏକ ପଦକ୍ଷେପ ନେଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନରେ ଗଠିତ ବିଶେଷଜ୍ଞ କମିଟିର ଦ୍ୱିତୀୟ ବୈଠକରେ ୫୦ରୁ ଅଧିକ ସ୍ଥାନର ନାମକୁ ସେମାନଙ୍କର ମୂଳ ଓଡ଼ିଆ ଉଚ୍ଚାରଣ ଓ ଐତିହାସିକ ପରିଚୟ ଅନୁଯାୟୀ ପରିବର୍ତ୍ତନ କରିବାକୁ ସୁପାରିସ କରାଯାଇଛି। ପଦ୍ମଭୂଷଣ ଡ. ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଆ ଭାଷା, ଇତିହାସ, ଭୂଗୋଳ ଓ ପ୍ରଶାସନ କ୍ଷେତ୍ରର ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ସାଧାରଣ ଲୋକ ଓ ଜନପ୍ରତିନିଧିମାନଙ୍କ ପ୍ରସ୍ତାବକୁ ଐତିହାସିକ ଓ ସାଂସ୍କୃତିକ ଭିତ୍ତିରେ ସମୀକ୍ଷା କରି ଏହି ନିଷ୍ପତ୍ତି ନିଆଯାଇଛି। ବିଶେଷଜ୍ଞ କମିଟିର ସୁପାରିସ୍ ସମ୍ପର୍କରେ ଓଡ଼ିଆ ଭାଷା ପ୍ରତିଷ୍ଠାନକୁ ଚିଠି ଲେଖି ଅବଗତ କରିଛି ରାଜସ୍ୱ ବିଭାଗ। ରାଜ୍ୟର ବିଭିନ୍ନ ସହର ଓ ସ୍ଥାନର ନାମର ଇଂରାଜୀ ବନାନକୁ ସଂଶୋଧନ କରି ମୂଳ ଓଡ଼ିଆ ନାମର ପୁନଃସ୍ଥାପନ ନିମନ୍ତେ ରାଜ୍ୟର ବିଜେପି ସରକାର ଏହି ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରିଥିଲେ। କମିଟିର ସୁପାରିସ ଅନୁଯାୟୀ କଳାହାଣ୍ଡି ଜିଲ୍ଲାର 'Junagarh'କୁ 'ଜୁନାଗଡ଼।', Kandhamalକୁ 'କନ୍ଧମାଳ' ଏବଂ ସୁନ୍ଦରଗଡ଼ ଜିଲ୍ଲାର 'Bonaigarh'କୁ 'ବଣାଇଗଡ଼ା' ଭାବେ ନାମକରଣ କରିବାକୁ ପ୍ରସ୍ତାବ ରହିଛି। ସେହିପରି 'Nimapara' ହେବ 'ନିମାପଡ଼ା', 'Umerkote' ହେବ 'ଉମରକୋଟ', 'Boudhgarh' ହେବ 'ବୌଦ୍ଧଗଡ଼ା', 'Rourkela' ହେବ 'ରାଉରକେଲା', 'Talcher' ହେବ 'ତାଳଚେର' ଏବଂ 'Soro' ହେବ 'ସୋରା'। ତାଲିକାରେ ଗଞ୍ଜାମ ଜିଲ୍ଲାର ବହୁ ଗୁରୁତ୍ୱପୂର୍ଣ୍ଣ ସହର ଓ ବ୍ଲକ୍ର ନାମ ମଧ୍ୟ ରହିଛି। 'Berhampur'କୁ 'ବ୍ରହ୍ମପୁର', 'Hinjilicut'କୁ 'ହିଞ୍ଜିଳିକାଟୁ', 'Aska'କୁ 'ଆସିକା' ଏବଂ 'Surada'କୁ 'ସୋରଡ଼ା' କରିବାକୁ ସୁପାରିସ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାର 'Kendrapara'କୁ 'କେନ୍ଦ୍ରାପଡ଼ା', 'Aul'କୁ 'ଆଳି' ଓ 'Mahakalapada'କୁ 'ମହାକାଳପଡ଼ା' କରିବା ପ୍ରସ୍ତାବ ରହିଛି। ଖୋର୍ଦ୍ଧା ଜିଲ୍ଲାର 'Khurda'କୁ 'ଖୋର୍ଦ୍ଧା', 'Bolagarh'କୁ 'ବୋଲଗଡ଼', 'Jatni'କୁ 'ଜଟଣୀ' ଏବଂ କୋରାପୁଟର 'Jeypore'କୁ 'ଜୟପୁର' କରିବା ପାଇଁ ସୁପାରିସ କରାଯାଇଛି। ଅନୁଗୋଳ ଜିଲ୍ଲାର ଅନୁଗୋଳକୁ 'ANUGOLA' ଓ ପାଳଲହଡାକୁ 'PALALAHADA' କରାଯିବ। ବଲାଙ୍ଗୀର ଜିଲ୍ଲାର ବଲାଙ୍ଗୀରକୁ 'BALANGIR' ଓ ବଙ୍ଗୋମୁଣ୍ଡାକୁ 'BANGOMUNDA' ଲେଖାଯିବ। ବାଲେଶ୍ୱର ଜିଲ୍ଲାର ବାଲେଶ୍ୱରକୁ 'BALESHWAR' ଓ ନୀଳଗିରିକୁ 'NILAGIRI' କରାଯିବ। ସେହିପରି ଦେବଗଡ଼ ଜିଲ୍ଲାର ଦେବଗଡକୁ 'DEBAGADA' ଓ ରିଆମାଳକୁ 'RIAMAL' କରାଯିବ। କେନ୍ଦୁଝର ଜିଲ୍ଲାର କେନ୍ଦୁଝରକୁ 'KENDUJHAR', ବଡ଼ବିଲକୁ 'BADABIL' ଏବଂ କେନ୍ଦୁଝରଗଡ଼କୁ 'KENDUJHARGADA' ନାମ ଦିଆଯିବ।

୪୫ ତମ ଦିବସରେ ରଥଖଳା ହାଲ୍‌ଚାଲ୍

ତିନିରଥର ଉଠିଲା ଚାରିନାହାକା

ପଡିଲା ତୃତୀୟ ହରିବୋଲ
ଶେଷହେଲା ତିନି ରଥର ୩୨ ଗୋଟି ଗୟଳର ଚଉପଟ ନିର୍ମାଣ

ପୁରୀ : ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରା ଜୁଲାଇ ୧୬ ତାରିଖ । ଏଥିପାଇଁ ବଡଦାଣ୍ଡ ସ୍ଥିତ ରାଜା ନଅର ସମ୍ମୁଖ ରଥଖଳାରେ ରଥନିର୍ମାଣ ଆଗେଇ ଚାଲିଛି । ଗୁରୁବାର ରଥ ନିର୍ମାଣର ୪୫ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟରେ ଚାରିନାହାକା ଉଠିବା ସହ ତୃତୀୟ ହରିବୋଲ ଭୋଇ ସର୍ଦ୍ଦାରଙ୍କ ନିର୍ଦ୍ଦେଶକ୍ରମେ ଭୋଇ ସେବକ ମାନେ ପରମ୍ପରା ଅନୁଯାଇ ତୃତୀୟ ହରିବୋଲ ପକାଇଥିଲେ । ତିନିରଥର ଅଖ ଉପରକୁ ଦଣ୍ଡା ଫ୍ରେମ୍ ଉଠିବା ସହ ଦଣ୍ଡା ଗୁଡିକରେ କଣ୍ଟା ବାଡ଼ିଆ ପୂର୍ବରୁ ଦଣ୍ଡା ଗୋଳିଆ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଅନୁକୂଳ ପୂଜା ସହ ତିନିରଥ ଦଣ୍ଡାରେ କଣ୍ଟା ବାଡ଼ିଆ କାର୍ଯ୍ୟ ଶେଷ ହୋଇଥିଲା । ଏଥିସହ ଶେଷ ହୋଇଛି ତିନିରଥ ଦାଣ୍ଡରେ ଆଗ ଆଣି ,ପଛ ଆଣି ଗରଗାରା ପଡ଼ି କଣ୍ଟା ବାଡ଼ିଆ କାର୍ଯ୍ୟ । ଆଜି ପୂର୍ବାହ୍ନରେ ଅନୁକୂଳ ପୂଜା ପୂର୍ବକ ତିନିରଥର ମହାରଣାଙ୍କ ଦ୍ୱାରା ତିନିରଥରରେ ଚାରିନାହାକା ଉଠାଇ ଥିଲେ । ମୁଖ୍ୟ ଓଝା କମାର ସେବକ, ମୁଖ୍ୟ ମହାରଣା ଏବଂ ମୁଖ୍ୟ ଭୋଇ ସେବକଙ୍କ ଉପସ୍ଥିତିରେ ତିନିରଥ ଅଖ ଉପରେ ଦଣ୍ଡା ଫ୍ରେମ୍ ମଜବୁତ୍ ପାଇଁ କଣ୍ଟା ବାଡ଼ିଆ କାର୍ଯ୍ୟ ଓଝା କମାର ସେବକ ମାନେ ଶେଷ କରିଛନ୍ତି। ତାଳଧ୍ୱଜ ରଥ ଦଣ୍ଡା ଗୁଡିକରେ ୭୪ ଗୋଟି, ଦର୍ପଦଳନ ରଥ ଦଣ୍ଡା ଗୁଡିକରେ ୫୮ ଟି ଏବଂ ନନ୍ଦିଘୋଷ ରଥର ଦଣ୍ଡା ଗୁଡିକରେ ୮୮ ଗୋଟି ଘଡିମୁହଁ ଅଗ ପାତେଳି, ଚଉରସ ବା ଦଣ୍ଡା ବିଡିଆ ବା ପୋଖରିଆ କଣ୍ଟା ବାଡ଼ିଆ ଯାଇଅଛି। ଆଜି ପୂର୍ବାହ୍ନରେ ତିନିରଥର ଦଣ୍ଡା ଫ୍ରେମ୍ ରେ କଣ୍ଟା ବାଡ଼ିଆ କାର୍ଯ୍ୟ ଶେଷ ହେବାପରେ, ଅପରାହ୍ନରେ ମୁଖ୍ୟ ମହାରଣାଙ୍କ ପରାମର୍ଶ କ୍ରମେ ଭୋଇ ସର୍ଦ୍ଦାର ରବି ଭୋଇ ଙ୍କ ତତ୍ତ୍ୱାବଧାନରେ ଭୋଇ ସେବକ ମାନେ ତିନିରଥର ପାଞ୍ଚ ଦଣ୍ଡା ଉପରକୁ ଦୁଇଟି ଲେଖାଏଁ ଗରଗରା ଉଠିବା ପରେ ତିନିରଥର ମହାରଣା ସେବକ ମାନେ ମାପ ପ୍ରକାରେ ଗରଗରା ପଛ ଭାଗକୁ ଅର୍ଦ୍ଧ ଚନ୍ଦ୍ରକାର କାପ ଖୋଦେଇ ସହ ଅଗର ବିନ୍ଧ କଲା ପରେ ତିନିରଥର ଓଝା କମାର ସେବକ ମାନେ ଗରଗରାରେ କଣ୍ଟା ବାଡ଼ିଆ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏଥିସହ ଶେଷ ହୋଇଛି ତିନି ରଥର ୩୨ ଗୋଟି ଗୟଳ ର ଚଉପଟ ନିର୍ମାଣ କାର୍ଯ୍ୟ। ରୂପକାର ସେବକ ମାନେ ତିନିରଥର ବେଦୀ ସିଂହାସନ ମୁହାଁଟି ରେ ଚିତ୍ର ଖୋଦେଇ ସହ ତିନିରଥର ୮ଟି ଲେଖାଏଁ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ପାଇଁ ଚିତ୍ର ଅଙ୍କନ ସହ ଚିତ୍ର ଅଙ୍କନ ଶେଷ ହୋଇଥିବା ନାଟଗୋଡ଼ ଗୁଡିକରେ କନ୍ଦର୍ପ ରୂପ ଖୋଦେଇ ଜାରୀ ରଖିଛନ୍ତି।

ବିଶିଷ୍ଟ ସାହିତ୍ୟିକ ଜଗନ୍ନାଥ ପ୍ରସାଦ ଦାସଙ୍କ ପରଲୋକ

ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ



ଭୁବନେଶ୍ୱର : ରାଜ୍ୟ ହରାଇଲା ବିଶିଷ୍ଟ ସାହିତ୍ୟିକ। ବିଶିଷ୍ଟ ସାହିତ୍ୟିକ ଜଗନ୍ନାଥ ପ୍ରସାଦ ଦାସଙ୍କର ପରଲୋକ ଘଟିଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା।। ଓଡ଼ିଶା ସାହିତ୍ୟ ଜଗତରେ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ଥିଲେ। ଜଗନ୍ନାଥ ପ୍ରସାଦ ଦାସ। ଭାରତୀୟ ପ୍ରଶାସନିକ ସେବା ଭଳି ଚାକିରି ଛାଡ଼ି ସେ ସାରସ୍ୱତ ସାଧନା କରିଥିଲେ। ସେ ଏକାଧାରରେ ଜଣେ କବି, ନାଟ୍ୟକାର, କଥାକାର, ଔପନ୍ୟାସିକ ଓ ଚିତ୍ରଶିଳ୍ପୀ ଭାବେ ଜଣାଶୁଣା ଥିଲେ। ତାଙ୍କ ଐତିହାସିକ ଉପନ୍ୟାସ 'ଦେଶ କାଳ ପାତ୍ର' ଲେଖି ଖ୍ୟାତି ଅର୍ଜନ କରିଛନ୍ତି ଜଗନ୍ନାଥ ପ୍ରସାଦ ଦାସ। ୧୯୩୬ ମସିହାରେ ପୁରୀ ଜିଲ୍ଲାରେ ଜନ୍ମ ହୋଇଥିବା ଜଗନ୍ନାଥ ପ୍ରସାଦ ଦାସ ସାହିତ୍ୟ ସାଧନା ପାଇଁ ଅନେକ ସମ୍ମାନଜନକ ପୁରସ୍କାର ପାଇଛନ୍ତି। ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମଧ୍ୟ ପାଇଛନ୍ତି। 'ଆହ୍ନିକ' କବିତା ସଂକଳନ ପାଇଁ ୧୯୯୦ ମସିହାରେ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରୀ ଦାସଙ୍କ ପରଲୋକରେ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ତାଙ୍କ 'ଏକ୍ସ'ରେ ଲେଖିଛନ୍ତି, ବିଶିଷ୍ଟ ସାହିତ୍ୟିକ ଡ. ଜଗନ୍ନାଥ ପ୍ରସାଦ ଦାସଙ୍କ ପରଲୋକ ସମ୍ବାଦ ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ । ସେ କେବଳ ଜଣେ ଉଚ୍ଚକୋଟୀର ସାହିତ୍ୟିକ ନଥିଲେ, ବରଂ ଭାରତୀୟ ପ୍ରଶାସନିକ ସେବାର ଜଣେ ଦକ୍ଷ ଅଧିକାରୀ ଭାବେ ସେ ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ରାଜ୍ୟ ଓ ଦେଶର ସେବାରେ ନିଜକୁ ନିୟୋଜିତ କରିଥିଲେ। ସାହିତ୍ୟର ପ୍ରତ୍ୟେକ ବିଭାଗରେ ନିଜର ସୃଜନଶୀଳତାର ସ୍ୱତନ୍ତ୍ର ଛାପ ଛାଡିଯାଇଥିବା ଜେ.ପି. ଦାସଙ୍କ ବିୟୋଗ ଆମ ସାରସ୍ୱତ ଜଗତପାଇଁ ଏକ ଅପୂରଣୀୟ କ୍ଷତି। ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛି।

ସମ୍ପାଦକୀୟ

ପୂର୍ବଚୁକ୍ତିରେ ପରିବର୍ତ୍ତନ !

ଭାରତର ପଡ଼ୋଶୀ ବାଂଲାଦେଶ। ସେହି ବାଂଲାଦେଶ ଯାହାକୁ ସ୍ୱାଧୀନ କରାଇବା ଦିଗରେ ଭାରତର ବହୁତ ବଡ଼ ହାତ ଥିଲା। ଯାହା ପଛରେ ରହିଛି ଏକ ଲମ୍ବା ଇତିହାସ। ପ୍ରତ୍ୟକ ବିଶେଷ ଘଟଣା ପଛରେ ସେମିତି କିଛି ନା କିଛି ବିଶେଷ ତଥ୍ୟ ମହଜୁଦ ଥାଏ ଯେମିତି କି ବାଂଲାଦେଶର ସ୍ୱାଧୀନତା ପଛର ଇତିହାସ। ଗୋଟାଏ କଥା କିନ୍ତୁ ସୁନିଶ୍ଚିତ ଯାହାକୁ ଆଜି ବି ସ୍ୱୀକାର କରିବ ବାଂଲାଦେଶ। ଭାରତର ଅବଦାନକୁ କେବେ ବି ଭୁଲିପାରିବ ନାହିଁ ସେ। ତଥାପି କେବେ କେବେ ବେଇମାନୀ କରିବା ପାଇଁ ଟିକିଏ ବି ପଛାଉନାହିଁ । ଭାରତ ଭଳି ଏକ ଶାନ୍ତିପ୍ରିୟ ତଥା ଧର୍ମନିରପେକ୍ଷ ଦେଶର ପଡ଼ୋଶୀଙ୍କ ଏଭଳି ଆଚରଣ କେବେ ବି ଗ୍ରହଣୀୟ ହୋଇନପାରେ। ତଥାପି ବୁଝୁନି ପଡ଼ୋଶୀ। କେବେ କିଛି ସର୍ତ୍ତ ରଖୁଛି ତ ଆଉ କେବେ କିଛି ଧମକ ଦେଉଛି ଭାରତକୁ। ଆଉ କ'ଣ ବା ଅଧିକ କରିପାରନ୍ତା ସେ। ଯାହାର ଯାହା ପ୍ରକୃତି। ଭାରତ କିନ୍ତୁ ସଂଯତ। ଭାରତର କୋହଳ ମନୋଭାବ ପୋଷଣ କାରଣରୁ ପାକିସ୍ତାନ-ବାଂଲାଦୋଶ ଭଳି ପଡ଼ୋଶୀମାନେ ଭାରତ ପ୍ରତି ସେମାନଙ୍କର ନକାରାତ୍ମକ ମନୋଭାବ ପ୍ରଦର୍ଶନ ଆଜି ବି ଜାରି ରଖିଛନ୍ତି। ଭାରତ ପାକ୍ ସୀମାରେ ଦୀର୍ଘ ବର୍ଷରୁ ଜାରି ରହିଥିବା ସୀମାପାର ଆତଙ୍କବାଦୀ ସଙ୍ଘର୍ଷ ଯାହାର ଏକ ନଗ୍ନ ନମୁନା । ବାଂଲାଦେଶ ବି ଅନୁରୂପ। ପାକିସ୍ତାନ୍ - ବାଂଲାଦେଶ ଭଳି ଇସଲାମିକ୍ ଦେଶରେ ଭାରତ ସରକାରଙ୍କ ସପକ୍ଷବାଦୀ ଶାସକ ଗୋଷ୍ଠୀଙ୍କ ଉଦାହରଣ ବହୁତ କମ୍ ଦିଆଯାଇପାରେ। ସେଥିପାଇଁ ଉଭୟ ଦେଶର ସମ୍ପର୍କରେ କେବେ ବି ସୁଧାର ଆସୁନି କି ଆଗକୁ ସେପରି କୌଣସି ସମ୍ଭାବନା ନାହିଁ। କାରଣ ସେ ସବୁ ଦେଶର ତ୍ରୁଟିପୂର୍ଣ୍ଣ ପ୍ରଶାସନିକ ବ୍ୟବସ୍ଥା ନୁହେଁ ବରଂ ସେସବୁ ଦେଶର ବିଧର୍ମୀ ମନୋଭାବ, ତ୍ରୁଟିପୂର୍ଣ୍ଣ କୂଟନୈତିକ ଧାରା ଏବଂ ସର୍ବଶେଷରେ ଆମେ ସଂପୃକ୍ତ ଦେଶର ଦୁର୍ନୀତିଗ୍ରସ୍ତ ପ୍ରଶାସନକୁ ଦାୟୀ କରିପାରୁ। ଏ ସବୁ ଉକ୍ତି କେବଳ ଭାରତର ପଡ଼ୋଶୀ ଦେଶମାନଙ୍କ କ୍ଷେତ୍ରରେ ଲାଗୁ ହୋଇପାରେ ଯେଉଁମାନେ ଆପଣା ବୁଦ୍ଧି ଅପେକ୍ଷା ପରବୁଦ୍ଧିରେ ନାଚିବା ବେଶି ପସନ୍ଦ କରନ୍ତି। ସେ ସବୁ ଦେଶରେ ଭାରତ ସପକ୍ଷବାଦୀ ସରକାର ଯେ ସତ୍ତାକୁ ଆସନ୍ତି ନାହିଁ , ତାହା ନୁହେଁ। ତେବେ ଭାରତ ବିପକ୍ଷବାଦୀ ସରକାରଙ୍କ ପ୍ରଭାବ ପ୍ରାୟତଃ ଅନୁଭୂତ ହୁଏ ସେ ସବୁ ଦେଶରେ। ସେଥିପାଇଁ ତ ଭାରତ ସହିତ ସମ୍ପର୍କରେ କେବେ ବି ସେମିତି ସୁଧାର ଆସିପାରୁ ନାହିଁ। ଆଜି ବି ଭାରତ ଏବଂ ପାକିସ୍ତାନ୍-ବାଂଲାଦେଶ ସମ୍ପର୍କ ଯେମିତିକୁ ସେମିତି। ନା ଆଗକୁ ଯାଉଛି ନା ପଛକୁ ଫେରୁଛି। ପାକିସ୍ତାନ୍ -ଭାରତ ସମ୍ପର୍କ ଯାହା ଦୀର୍ଘ ବର୍ଷରୁ ତ୍ରୁଟିପୂର୍ଣ୍ଣ ରହିଛି, ଆଗାମୀ ସମୟରେ ସେଥିରେ ସେମିତି କିଛି ପରିବର୍ତ୍ତନର ସମ୍ଭାବନା ବହୁତ କ୍ଷୀଣ। ବାକି ରହିଲା ବାଂଲାଦେଶ। ବାଂଲାଦେଶ ଯିଏ କି ବିଭିନ୍ନ କ୍ଷେତ୍ରରେ ଭାରତ ଉପରେ ନିର୍ଭରଶୀଳ, ସେ ବି ଏବେ ଚାଲିଛି ସେହି ପାକିସ୍ତାନ୍ ରାସ୍ତାରେ। ଭାରତ ବିପକ୍ଷବାଦୀ ଚିନ୍ତାଧାରା ଏବଂ ସେହି ଅନୁସାରେ କାର୍ଯ୍ୟକଳାପ। ଏବେ ନିକଟରେ ଜଳ ବଣ୍ଟନ କ୍ଷେତ୍ରରେ କିଛି ସମସ୍ୟାର ସମ୍ମୁଖୀନ ହୋଇଛି ବାଂଲାଦେଶ। ଏଠାରେ ଟିକିଏ ଅତୀତକୁ ଫେରିବା। ଆଜିକୁ ପ୍ରାୟ ୩୦ବର୍ଷ ତଳେ ୧୯୯୬ ମସିହା ଡିସେମ୍ବରରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଏଚ୍ ଡି ଦେବେଗୌଡ଼ାଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ସହିତ ଯେଉଁ ଜଳଚୁକ୍ତି ହୋଇଥିଲା, ଯାହାକି ଚଳିତ ବର୍ଷ ଡିସେମ୍ବରରେ ଶେଷ ହେବାକୁ ଯାଉଛି। ପଶ୍ଚିମ ବଙ୍ଗର ଫାରାକ୍ ବ୍ୟରେଜରୁ ଗଙ୍ଗା ନଦୀର ଜଳ ବାଂଲାଦେଶକୁ ଛଡ଼ାଯିବାର ଯେଉଁ ଚୁକ୍ତି ହୋଇଥିଲା, ସେହି ଅନୁସାରେ ପ୍ରତିବର୍ଷ ଜାନୁଆରୀରୁ ମେ'ମଧ୍ୟରେ ଭାରତ ସରକାରଙ୍କ ପକ୍ଷରୁ ଛଡ଼ାଯାଉଥିବା ଗଙ୍ଗାନଦୀର ଜଳ ବଂଲାଦେଶର ଜଳାଭାବ ପୂରଣ ଦିଗରେ ବିଶେଷ ସହାୟକ ହୋଇଥାଏ। ଏବେ ବି ସେହି ଧାରା ଜାରି ରହିଛି। ତେବେ ଭାରତର ବର୍ଦ୍ଧିତ ଆବଶ୍ୟକତା ଯେପରି ଦ୍ରୁତ ସହରୀକରଣ ଏବଂ କୃଷିକ୍ଷେତ୍ର ଆଦି କୁ ଜଳଯୋଗାଣରେ ବ୍ୟାପକ ଆବଶ୍ୟକତା ଦୃଷ୍ଟିରୁ ଏବର ନୂତନ ଚୁକ୍ତିରେ ଅନେକ କିଛି ପରିବର୍ତ୍ତର ଆବଶ୍ୟକତା ଅନୁଭବ କରି ଭାରତ ସରକାରଙ୍କ ବାଂଲାଦେଶକୁ ଜଳ ବଣ୍ଟନ ନୀତିରେ ଏବର ନୂତନ ଚୁକ୍ତିରେ କିଛି ପରିବର୍ତ୍ତନ ହୋଇପାରେ ଯେଉଁଥିରେ ବାଂଲା ସରକାର କିନ୍ତୁ ଏକମତ ହେବାର ଆଶା ବହୁତ କମ୍ ଯାହକି ଉଭୟ ଦେଶର ଦ୍ୱିପାକ୍ଷିକ ସମ୍ପର୍କକୁ ଅତି ମାତ୍ରାରେ ପ୍ରଭାବିତ କରିବାରେ। ଏଣୁ ବାଂଲା ସରକାର ସେଥିନେଇ ଅନେକ ସମୟରେ ଭାରତ ଉପରେ ଅଯଥା ଚାପ ପ୍ରୟୋଗ କରିବା ସହ ଭାରତ ସହିତ କିଛି ଯୁକ୍ତି ଉପସ୍ଥାପନ କରୁଛି ଯାହା କି ସମ୍ପୂର୍ଣ୍ଣ ଅଯୌକ୍ତିକ।

ପ୍ରିୟ ଘୋଡ଼ା

ରାଜାଙ୍କ ଠାରୁ ନେଇ ସାଧାରଣ ପ୍ରଜାଙ୍କ ପର୍ଯ୍ୟନ୍ତ, କେହି ବି ନିୟମରୁ ବାଦ୍ ପଡ଼ିବେ ନାହିଁ। ସମସ୍ତଙ୍କ କ୍ଷେତ୍ରରେ କଟକଣା ରହିଛି, ସମସ୍ତଙ୍କ କ୍ଷେତ୍ରରେ ନିୟମ କାନୁନ୍ ରହିଛି। ଶାସକ-ପ୍ରଶାସକମାନେ ପୂରା ନିୟମରେ ରହିବା ଉଚିତ ଯେହେତୁ ସେମାନେ ସମାଜର ମାର୍ଗଦର୍ଶକ, ସମାଜର ପଥ ପ୍ରଦର୍ଶକ। ନିୟମରେ ସମସ୍ତେ ବନ୍ଧା। ସେହି ନିୟମରେ ନିଜର କର୍ମମୟ ଜୀବନରୁ କିଛିଟା ସମୟ ବାହାର କରି ଥରେ ବୁଲିବା ପାଇଁ ମନସ୍ଥ କରି ତାଙ୍କର କିଛି ଜଗୁଆଳଙ୍କ ସହ ବୁଲି ବହାରିଲେ ସୁଲ୍ତାନ୍ ସାଲାନା। ବାଟରେ ମଧ୍ୟାହ୍ନ ଭୋଜନ ସମୟରେ ଗୋଟିଏ ସୁନ୍ଦର ଉଦ୍ୟାନରେ କିଛି ସମୟ ପାଇଁ ବାଟରେ ଅଟକିଯାଇଥିଲେ ଏବଂ ସେହି ସମୟରେ ବିଶ୍ରାମ ନେବାବେଳେ ସୁଲ୍ତାନଙ୍କ ଆଖିରେ ନିଦ ଲାଗିଯାଇଥିଲା। ଉଠିଲା ବେଳକୁ ଦେଖିଲେ ଯେ ତାଙ୍କର ପ୍ରିୟ ଘୋଡ଼ାଟି ନାହିଁ। ରାଗରେ ଚୋରକୁ ଧରିବା ପାଇଁ କଡ଼ା ଆଦେଶ ଦେଇ ବୁଲା ବନ୍ଦକରି ସେ ବାହାରିଲେ ନିଜ ଉଆସ ଅଭିମୁଖେ। ବାଟରେ ଜଗୁଆଳ କିନ୍ତୁ ସୁଲତାନଙ୍କୁ ସତ କହିଲା ଯେ ଚୋର ତା' କାମରେ ସଫଳ ହୋଇଛି ହେଲେ ମୁ ମୋ କାମରେ ବିଫଳ ହୋଇଛି। ଉଦ୍ୟାନରେ ଖାଇପିଇ ସମସ୍ତେ ବିଶ୍ରାମ ନେଉଥିଲାବେଳେ ମୁ ବି ଟିକେ ବିଶ୍ରାମ ନେଇଗଲି। ତା'ର ସୁଯୋଗ ନେଇ ଚୋର ନେଇଗଲା ଘୋଡ଼ାଟି। ଜଗୁଆଳ ମୁହଁରୁ ଏପରି କଥା ଶୁଣି ସୁଲ୍ତାନଙ୍କ ରାଗ ଆହୁରି ବଢ଼ିଗଲା। ଜଗୁଆଳକୁ ସେ କିଛି ଶାସ୍ତି ଦେବାକୁ ଚିନ୍ତା କଲେ। ସତ କହିଥିବାରୁ ଜଗୁଆଳକୁ ଶାସ୍ତି ତ ମିଳିଲା ହେଲେ ସେତେ କଠିନ ନୁହେଁ, ଯାହା ହେଉ ନିୟମ ତ ସଭିଙ୍କ ପାଇଁ ସମାନ। ରାଜାଙ୍କ ଠାରୁ ନେଇ ସାଧାରଣ ପ୍ରଜାଙ୍କ ପର୍ଯ୍ୟନ୍ତ, କେହି ବି ନିୟମରୁ ବାଦ୍ ପଡ଼ିବେ ନାହିଁ। ଶାସକ-ପ୍ରଶାସକମାନେ ପୂରା ନିୟମରେ ରହିବା ଉଚିତ ଯେହେତୁ ସେମାନେ ସମାଜର ମାର୍ଗଦର୍ଶକ, ସମାଜର ପଥ ପ୍ରଦର୍ଶକ। ନିୟମରେ ସମସ୍ତେ ବନ୍ଧା। ସେହି ନିୟମରେ ନିଜର କର୍ମମୟ ଜୀବନରୁ କିଛିଟା ସମୟ ବାହାର କରି ଥରେ ବୁଲିବା ପାଇଁ ମନସ୍ଥ କରି ତାଙ୍କର କିଛି ଜଗୁଆଳଙ୍କ ସହ ବୁଲି ବହାରିଲେ ସୁଲ୍ତାନ୍ ସାଲାନା।ତେବେ କିଛି ସମୟ ପାଇଁ ସେଠାରେ ଅଟକି ଯାଇ ଫଳାଫଳ ଚିନ୍ତା କଲେ ଅଣ୍ଡା ମୁଣ୍ଡରେ। ବାଟରେ ଭୋଜନ ସମୟରେ ସୁନ୍ଦର ଉଦ୍ୟାନରେ କିଛି ସମୟ ପାଇଁ ଅଟକିଯାଇଥିଲେ ବାଟରେ।

ଭ୍ରାନ୍ତ ମାର୍ଗଦର୍ଶନ ମଧ୍ୟରେ ବିଶ୍ୱାସ ଓ ନୈତିକ ସ୍ୱଷ୍ଟତାର ଗୁରୁତ୍ୱ

କିଶୋର ରଥ

ମୁମ୍ବାଇର ମୀରା ରୋଡରେ ସମ୍ପ୍ରତି ଘଟିଥିବା ଛୁରୀ ଆକ୍ରମଣ ସମଗ୍ର ସମାଜକୁ ଅସ୍ତବ୍ୟସ୍ତ ଓ ମନୋବିବ୍ରତ କରିଦେଇଛି। ଏହି ଘଟଣାର ସବୁଠାରୁ ଦୁଃଖଦ ଓ ଚିନ୍ତାଜନକ ପ୍ରସଙ୍ଗ ହେଉଛି-ଦୁଇଜଣ ନିରୀହ ସୁରକ୍ଷାକର୍ମୀଙ୍କ ଉପରେ ହୋଇଥିବା ନିର୍ମମ ଆକ୍ରମଣ ସହିତ ଧର୍ମକୁ ଭୁଲ ଭାବରେ ଯୋଡ଼ି ଏହାକୁ ନ୍ୟାୟସଙ୍ଗତ ପ୍ରଦର୍ଶନ କରିବାର ଚେଷ୍ଟା । ଖବର ଅନୁଯାୟୀ, ଆକ୍ରମଣକାରୀ ପ୍ରଥମେ ପୀଡିତମାନଙ୍କୁ ସେମାନଙ୍କ ଧର୍ମ ବିଷୟରେ ପଚାରିଥିଲେ ଏବଂ ଜଣଙ୍କୁ କଲମା ପଢ଼ିବାକୁ ବାଧ କରିବା ପରେ ତାଙ୍କୁ ଛୁରୀ ମାରିଥିଲେ ଓ ଏହି ଘଟଣା କେବଳ ଏକ ଅପରାଧ ନୁହେଁ, ବରଂ ଏହା ପ୍ରମାଣ କରେ ଯେ ଯେଉଁ ବ୍ୟକ୍ତି ଉପଯୁକ୍ତ ବୁଝାମଣା ଏବଂ ନୈତିକ ମୂଲ୍ୟବୋଧରୁ ଦୂରେଇଯାଆନ୍ତି ସେ ଧର୍ମକୁ ଘୃଣା ଓ ହିଂସା ପ୍ରଚାରର ଏକ ଅସ୍ତ୍ରରେ ପରିଣତ କରିଦେଇପାରନ୍ତି ।

ତଦନ୍ତକାରୀ ସଂସ୍ଥାମାନଙ୍କ ଅନୁସାରେ ଅଭିଯୁକ୍ତ ବ୍ୟକ୍ତି ଅନଲାଇନରେ ପ୍ରଚାରିତ ଖବର ଓ ଚରମପନ୍ଥୀ ବିଚାରଧାରା ପ୍ରଭାବରେ ନିଜକୁ ଉଗ୍ରପନ୍ଥୀ ମନୋଭାବରେ ଢାଳିନେଇଥିବା ସନ୍ଦେହ କରାଯାଉଛି । ତଦନ୍ତ ସମୟରେ କିଛି ଆନ୍ତର୍ଯାତୀୟ ଆତଙ୍କବାଦୀ ଚିନ୍ତାଧାରା ସହିତ ସମ୍ପର୍କିତ ସୂତ୍ର ମିଳିଥିବା କଥା ମଧ୍ୟ ସାମ୍ନାକୁ ଆସିଛି । ଏହା ଏକ ଗୁରୁତର ଚିନ୍ତାର ବିଷୟ, କାରଣ ଏହା ପ୍ରମାଣ କରୁଛି ଯେ ସଂଗଠିତ ନିୟନ୍ତ୍ରଣ ବିନା ମଧ୍ୟ କିଛି ଲୋକ ଅନଲାଇନରେ ପ୍ରସାରିତ ଘୃଣାପୂର୍ଣ୍ଣ ଓ ଚରମପନ୍ଥୀ ବିଚାରଧାରାର ପ୍ରଭାବରେ ପଡ଼ି ହିଂସାତ୍ମକ କାର୍ଯ୍ୟକଳାପରେ ଲିପ୍ତ ହୋଇପାରନ୍ତି ।

ଆଜିର ସମୟରେ ଉଗ୍ରପନ୍ଥୀକରଣ ଉଭୟ ଅନଲାଇନ୍ ଏବଂ ଅଫଲାଇନ୍ ମାର୍ଗରେ ପ୍ରସାର ପାଉଛି । ସାମାଜିକ ଗଣମାଧ୍ୟମ ଏବଂ ଏନକ୍ରିପ୍ଟେଡ୍ ଫୋରମ୍ ଭଳି ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକ ଧର୍ମର ବିକୃତ ଓ ଭ୍ରାନ୍ତ ବ୍ୟାଖ୍ୟା ପ୍ରଚାର କରିବାର ଶକ୍ତିଶାଳୀ ମାଧ୍ୟମ ପାଲଟିଛି। ଏହାର ପ୍ରଭାବରେ କେହି କେହି ଧୀରେ ଧୀରେ ଏମିତି ଏକ 'ଇକୋ ଚାମ୍ବର' ମଧ୍ୟରେ ଫସିଯାଆନ୍ତି , ଯେଉଁଠାରେ ଚରମପନ୍ଥୀ ଧାରଣା ଗୁଡ଼ିକୁ ସାଧାରଣ ଓ ସଠିକ୍ ବୋଲି ପ୍ରଚାର କରାଯାଏ ଏବଂ ପୁନଃ ସେହି ଧାରଣାକୁ ମଜବୁତ କରାଯାଏ । ଏହା ସହିତ ଅଫଲାଇନ୍ କାରଣ ଗୁଡ଼ିକ ଯେପରିକି ଏକୁଟିଆପଣ, ପାରିବାରିକ ସମ୍ପର୍କର ଅବନତି, ବେରୋଜଗାରି କିମ୍ବା ନିଜ ପରିଚୟକୁ ନେଇ ଅସ୍ଥିରତା ମଧ୍ୟ ବ୍ୟକ୍ତିଙ୍କୁ ଅଧିକ ସମ୍ବେଦନଶୀଳ କରିଦିଏ । ଯେତେବେଳେ ଏହି ବ୍ୟକ୍ତିଗତ ସଂକଟ ଗୁଡ଼ିକ ଚରମପନ୍ଥୀ ବିଚାରଧାରା ସହ ମିଶିଯାଏ, ସେତେବେଳେ ଏମିତି ଏକ ଭୟଙ୍କର ମନୋଭାବ ଗଢ଼ିଉଠେ ଯାହା ହିଂସାକୁ ମଧ୍ୟ ଭୁଲ ଭାବରେ ନ୍ୟାୟସଙ୍ଗତ ବୋଲି ପ୍ରତିପାଦନ କରିଥାଏ ।

ଏହା ସ୍ପଷ୍ଟ ଭାବରେ କହିବା ଗୁରୁତ୍ୱପୂର୍ଣ୍ଣ ଯେ ନିରୀହ ଲୋକଙ୍କୁ ହତ୍ୟା କରିବା ପାଇଁ ଇସଲାମରେ କୌଣସି ଯଥାର୍ଥତା ନାହିଁ। ଏହି ଆକ୍ରମଣ ସହିତ ଜଡ଼ିତ କାର୍ଯ୍ୟଗୁଡ଼ିକ କେବଳ ଅପରାଧ ନୁହେଁ ବରଂ ମୌଳିକ ଭାବରେ ଇସଲାମିକ ଶିକ୍ଷା ବିରୁଦ୍ଧରେ। କୁରାନ ଅନୁସାରେ ଗୋଟିଏ ନିରୀହ ପ୍ରାଣକୁ ହତ୍ୟା କରିବା ଅର୍ଥ ସମଗ୍ର ମାନବଜାତିକୁ ହତ୍ୟା କରିବା । ଏହି ବାର୍ତ୍ତା ମାନବ ଜୀବନର ପବିତ୍ରତାକୁ ଏକ ସାର୍ବଜନୀନ ନୀତି ଭାବରେ ପ୍ରତିଷ୍ଠିତ କରେ । କୁରାନରେ ମଧ୍ୟ କୁହାଯାଇଛି ଯେ ପରମେଶ୍ୱର ଯେଉଁ ଜୀବନକୁ ପବିତ୍ର କରିଛନ୍ତି, ନ୍ୟାୟସଙ୍ଗତ କାରଣ ବ୍ୟତୀତ ସେହି ଜୀବନକୁ କ୍ଷତି ପହଞ୍ଚେଇବା ଅନୁଚିତ୍ ।

ପ୍ରଫେଟ୍ ମହମ୍ମଦ ଚେତାବନୀ ଦେଇଥିଲେ ଯେ ଜଣେ ବିଶ୍ୱାସୀ ଯେପର୍ଯ୍ୟନ୍ତ ବେଆଇନ ରକ୍ତପାତ୍ର ନ କରେ ସେପର୍ଯ୍ୟନ୍ତ ସେ ବିଶ୍ୱାସର ସୀମା ମଧ୍ୟରେ ରହିଥାଏ । ଯୁଦ୍ଧ ସମୟରେ ମଧ୍ୟ, ସେ ଅଣ-ଯୁଦ୍ଧୀ, ମହିଳା, ଶିଶୁ ଏବଂ ଧାର୍ମିକ ପାଦ୍ରୀମାନଙ୍କୁ କ୍ଷତି ପହଞ୍ଚାଇବା ବିରୁଦ୍ଧରେ କଡ଼ା ନିଷେଧ କରିଥିଲେ । ଏହା ଦର୍ଶାଏ ଯେ ଇସଲାମ ଚରମ ପରିସ୍ଥିତିରେ ମଧ୍ୟ କଠୋର ନୈତିକ ସୀମା ବଜାୟ ରଖେ, ଶାନ୍ତିପୂର୍ଣ୍ଣ ପରିବେଶରେ ହିଂସା କାର୍ଯ୍ୟକୁ ଅଗ୍ରାହ୍ୟ କରିଥାଏ ଓ

ଦାରୁଲ ଉଲୁମ ଦେଓବନ୍ଦ ଏବଂ ଅଲ ଆଝାର ବିଶ୍ୱବିଦ୍ୟାଳୟ ଭଳି ପ୍ରସିଦ୍ଧ ଇସଲାମିକ ମଦରାସାଗୁଡ଼ିକ ଧର୍ମ ନାମରେ କରାଯାଉଥିବା ଆତଙ୍କବାଦ ଏବଂ ହିଂସାର କାର୍ଯ୍ୟକୁ ନିରନ୍ତର ନିନ୍ଦା କରିଆସିଛନ୍ତି। ଅନେକ ଶୁକ୍ରବାରର ଧର୍ମୋପଦେଶରେ ବିଦ୍ୱାନମାନେ ଗୁରୁତ୍ୱାରୋପ କରନ୍ତି ଯେ ସମସ୍ତ ପରିସ୍ଥିତିରେ ନିରୀହ ଲୋକଙ୍କୁ କ୍ଷତି ପହଞ୍ଚାଇବା ନିଷେଧ ସେମାନେ ଏହା ମଧ୍ୟ ସ୍ପଷ୍ଟ କରନ୍ତି ଯେ ଜିହାଦ ଭଳି ଧାରଣାଗୁଡ଼ିକୁ ପ୍ରାୟତଃ ଭୁଲ ବୁଝାଯାଏ ଏବଂ ଅପବ୍ୟବହାର କରାଯାଏ, ଯେତେବେଳେ ବାସ୍ତବରେ ଇସଲାମ କରୁଣା, ନ୍ୟାୟ ଏବଂ ଧୈର୍ଯ୍ୟକୁ ପ୍ରୋତ୍ସାହିତ କରେ । ଏହିପରି ଧର୍ମୋପଦେଶରେ ଏକ ସାଧାରଣତଃ ପୁନରାବୃତ୍ତି ହେଉଥିବା ବାର୍ତ୍ତା ହେଉଛି ଯେ ପ୍ରକୃତ ଶକ୍ତି କ୍ରୋଧକୁ ନିୟନ୍ତ୍ରଣ କରିବା ଏବଂ ସଂଯମ ପ୍ରଦର୍ଶନ କରିବାରେ ନିହିତ, ଅନ୍ୟକୁ କ୍ଷତି ପହଞ୍ଚାଇବାରେ ନୁହେଁ

ମୁମ୍ବାଇ ଆକ୍ରମଣର ସବୁଠାରୁ ଅଧିକ ଚିନ୍ତାଜନକ ଦିଗଗୁଡ଼ିକ ମଧ୍ୟରୁ ଗୋଟିଏ ହେଲା-ଧାର୍ମୀୟ ପରିଚୟକୁ ଲୋକମାନଙ୍କୁ ଭୟଭୀତ କରିବା ଓ ଆତଙ୍କ ସୃଷ୍ଟି କରିବାର ଏକ ଉପାୟ ଭାବେ ବ୍ୟବହାର କରାଯାଇଥିବା ପ୍ରୟାସ । ହିଂସା କରିବା ପୂର୍ବରୁ କାହାକୁ କଲମା ପାଠ କରିବାକୁ ବାଧ୍ୟ କରିବା ଇସଲାମିକ ବିଶ୍ୱାସର ମୂଳ ସାରର ବିରୁଦ୍ଧାଚରଣ କରେ। ଇସଲାମରେ ବିଶ୍ୱାସ ସ୍ୱାଧୀନ ଇଚ୍ଛା ଏବଂ ଆନ୍ତରିକ ବିଶ୍ୱାସ ଉପରେ ଆଧାରିତ, ବଳପ୍ରୟୋଗ ଉପରେ ନୁହେଁ ଓ କୁରାନ ସ୍ପଷ୍ଟ ଭାବରେ କହିଛି ଯେ ଧର୍ମରେ କୌଣସି ବାଧ୍ୟବାଧକତା ନାହିଁ, ଏହା ସ୍ପଷ୍ଟ କରେ ଯେ ଭୟ କିମ୍ବା ହିଂସା ମାଧ୍ୟମରେ ବିଶ୍ୱାସକୁ ଲଦିବାର ଯେକୌଣସି ପ୍ରୟାସ ଇସଲାମିକ ନୀତିର ଉଲଂଘନ

ଏହିପରି ଘଟଣାଗୁଡ଼ିକ ସାମୂହିକ ପ୍ରତିକ୍ରିୟାର ଆବଶ୍ୟକତାକୁ ସ୍ପଷ୍ଟ କରେ ଓ ଧାର୍ମିକ ନେତା, ଶିକ୍ଷକ ଏବଂ ପରିବାରଗୁଡ଼ିକ ଭୁଲ ଧାରଣାକୁ ଦୂର କରିପାରିବେ ଏବଂ ଯୁବକମାନଙ୍କୁ ପ୍ରାମାଣିକ ଶିକ୍ଷା ଆଡ଼କୁ ମାର୍ଗଦର୍ଶନ କରିପାରିବେ, ସେଥିପାଇଁ ସାମୁଦାୟିକ ସଚେତନତା ଅତ୍ୟନ୍ତ ଜରୁରୀ। ଅନଲାଇନରେ ଉଗ୍ରବାଦୀ ପ୍ରଚାର ପ୍ରସାରକୁ ପ୍ରତିହତ କରିବା ପାଇଁ ଡିଜିଟାଲ୍ ସାକ୍ଷରତା ଏବଂ ପର୍ଯ୍ୟବେକ୍ଷଣ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ଓ ମାନସିକ ସ୍ୱାସ୍ଥ୍ୟ ସମର୍ଥନ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, କାରଣ ମୌଳିକ ଚିନ୍ତାଧାରାରେ ପଡ଼ିଥିବା ଅନେକ ବ୍ୟକ୍ତି ପ୍ରାୟତଃ ଏକୁଟିଆପଣ କିମ୍ବା ଭାବପ୍ରବଣ ଯନ୍ତ୍ରଣାର ସମ୍ମୁଖୀନ ହୁଅନ୍ତି ଓ ଏହି ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ହିଁ କ୍ଷତିକୁ ରୋକିପାରିବ।

ମୁମ୍ବାଇ ଛୁରୀ ଆକ୍ରମଣ କେବଳ ଆଇନ ଏବଂ ଶୃଙ୍ଖଳାର ବିଷୟ ନୁହେଁ ବରଂ ବ୍ୟକ୍ତିଗତ ଦୁର୍ବଳତା ଏବଂ ଭୁଲ ସୂଚନା ସହିତ ମିଶିଲେ ବିକୃତ ଚିନ୍ତାଧାରା କେତେ ବିପଦପୂର୍ଣ୍ଣ ହୋଇପାରେ ତାହା ମଧ୍ୟ ସ୍ମରଣ କରାଏ । ଏପରି କାର୍ଯ୍ୟକୁ ବିନା ଦ୍ୱିଧାରେ ନିନ୍ଦା କରାଯିବା ଉଚିତ, ବିଶେଷକରି ନିରୀହ ଲୋକଙ୍କ ବିରୁଦ୍ଧରେ ହିଂସାକୁ ସ୍ପଷ୍ଟ ଭାବରେ ନିଷିଦ୍ଧ କରୁଥିବା ଇସଲାମିକ ଶିକ୍ଷାର ଆଲୋକରେ । ଇସଲାମର ମୂଳ ସ୍ୱରୂପ ଶାନ୍ତି, ମର୍ଯ୍ୟାଦା ଏବଂ ନ୍ୟାୟ ପାଇଁ ଠିଆ ହୋଇଛି। ଏହି ମୂଲ୍ୟବୋଧଗୁଡ଼ିକୁ ବଜାୟ ରଖିବା ଏବଂ କ୍ଷତି ପାଇଁ ଧର୍ମର ଅପବ୍ୟବହାର କରିବାକୁ କାହାକୁ ଅନୁମତି ଦିଆ ନଯିବା ନିଶ୍ଚିତ କରିବା ସମଗ୍ର ସମାଜର ଦାୟିତ୍ୱ।

ଭିଏସଏସନଗର
ଭୁବନେଶ୍ୱର
୯୮୬୧୦୨୮୩୫୫

ସ୍ୱାବଲମ୍ବୀ ସମସ୍ତେ ହେବାକୁ ଚେଷ୍ଟା ଆରମ୍ଭ କରନ୍ତୁ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

କୁହାଯାଉଛି ଭାରତ ବର୍ଷରେ ୧୪୦ କୋଟି ଲୋକ, ଏ ଦେଶର ଖାଦ୍ୟ ଆଦି ଅତି ଦରକାରଦ୍ରବ୍ୟ ସବୁ ଯାହା ଦରକାର ଏ ଦେଶରେ ତାହା ପର୍ଯ୍ୟାପ୍ତ ଉତ୍ପାଦାନ ହେଉନାହିଁ। ସବୁ ସ୍ଥଳର ଜଳବାୟୁ ଓ ମାଟି ନିର୍ଦ୍ଦିଷ୍ଟ ଶସ୍ୟ ପନିପରିବା ଚାଷ ପାଇଁ ଯୋଗ୍ୟ ନୁହେଁ। ବୁଦ୍ଧିମାନ ମନୁଷ୍ୟ ମାନେ କିପରି ଏପରି ବୈଷମ୍ୟ ଦୂର ହୋଇପାରିବ ଏହା ଚେଷ୍ଟା ଚଳାଉଛନ୍ତି, ଦେଶ ସ୍ୱାଧୀନତା ହାସଲ ପୂର୍ବରୁ ଅନେକ ଲୋକ ବର୍ଷରେ ବହୁ ଦିନ ପେଟ ପୂର୍ଣ୍ଣ ଭୋଜନ କରିପାରୁ ନଥିଲେ, ମୁଲିଆ ଶ୍ରେଣୀ ଲୋକେ ଗାଁ ମହାଜନଙ୍କ ପାଖରୁ ଧାନ ଦେଢ଼ି ଫେରସ୍ତ ସୂତ୍ରରେ କରଜ ଆଣୁଥିଲେ, ଯାହା ପୂର୍ଣ୍ଣ ସମୟ ପରିଶ୍ରମ କରିବି ବର୍ଷ ତମାମ ନିଜେ ନିଜ କୁଟୁମ୍ବ ପିଲାଙ୍କୁ ଭୋଜନ ଯୋଗାଇବା ଅସମ୍ଭବ ହେଉଥିଲା ଗାଁ ମହାଜନ ସାହୁକାର ମାନେ ଋଣର ବାସ୍ନା ସୁଙ୍ଘାଇ ଭାଡିଆମୁଲିଆ, ହଳିଆ କରାଇବା ପୁଣି ତାଙ୍କ ଜମିବାଡ଼ି ଭିଟାମାଟିକୁ କଣ୍ଟ କବଲା, ହ୍ୟାଣ୍ଡନୋଟ କରାଇ ନେଇ ସରଳରେ ଜମି ହଡ଼ପ କରାଉଥିଲେ, ଏକ ଶତ ଟଙ୍କା କରଜ ଦେଇ ମାସକୁ ଦଶ ଟଙ୍କା ସୁଧ ନେଇ ନେଇ ବହୁ ମାସ ଚାଲିଲେ ବି ମୂଳ ଋଣ ସେମିତିକା ଅକ୍ଷୟ ରହୁଥିଲା, ଋଣ ଦାତା ଏତେ କଠୋର ଯେତେବେଳେ ଋଣ ଖାତାକ ନେଉଥିଲେ ଋଣ ଅର୍ଥ ପୂର୍ଣ୍ଣ ଲେଖା ରଖି ତହିଁରୁ ମିଠେଇ ଖିଆ ଅର୍ଥ କାଟି ରଖୁଥିଲେ ଏପରି କରୁର ବ୍ୟବସ୍ଥାକୁ କଂଗ୍ରେସ ସରକାର ବେଳେ ଇନ୍ଦିରାଗାନ୍ଧୀ ବ୍ୟାଙ୍କ ଜାତୀୟ କରଣ କରିବା ସହ ଗ୍ରାମ୍ୟ ମହାଜନୀ ପ୍ରଥା ଆଇନୀ ଲଗାଇ ବନ୍ଦ କରିଥିଲେ।

ଅନେକ ରିକ୍ସା ଧନୀ ଲୋକମାନେ କିଣି, ତାଙ୍କ ପଇସାରୁ ପଇସା କାଢ଼ିବା ପାଇଁ କିଛି ରିକ୍ସା ଚାଳକଙ୍କୁ ସମୟଚୁକ୍ତିରେ ବା ଭଡ଼ାର ଅଂଶ ଚୁକ୍ତିରେ ରିକ୍ସା ଚଳାଇବାକୁ ଦେଉଥିଲେ ଏଥିରେ କଠିନ ପରିଶ୍ରମକାରୀ ରିକ୍ସା ଚାଳକ ଗଣ୍ଡେ ଭଲ ଖାଦ୍ୟ ଖାଇବା ଭଲ ମୋଟା ଶୋଟା ବସ୍ତ୍ର, ପରିବାର ପାଇଁ କିଣିବା, ପିଲାଙ୍କୁ ଶିକ୍ଷା ଦେବା ଏକ ପ୍ରକାର ଅସମ୍ଭବ ଥିଲା, ବ୍ୟାଙ୍କ ଜାତୀୟ କରଣ ପରେ ଅନେକ ଉପକାର ସାଧାରଣ ମୁଲିଆ ଶ୍ରମଜୀବୀ ଲୋକଙ୍କ ହୋଇଯାଇଛି। ପାରମ୍ପରିକ ଧାନ ଚାଷର ଧାରା କୃଷି ଗବେଷଣା କେନ୍ଦ୍ର ସ୍ଥାପିତ ହେବା କୃଷି ପାଇଁ ଉଚ୍ଚ ଶିକ୍ଷାର ପ୍ରଚଳନ ଦ୍ୱାରା ପରିବର୍ତ୍ତନ ହୋଇ ଏପରି ଧାନ ଚାଉଳର ଏବେ ଅଭାବ ଅନୁଭବ ହେଉନାହିଁ। କିନ୍ତୁ ଦିନ ଥିଲା ଲୋକେ ନିକଟ ବଙ୍ଗ ରାଜ୍ୟକୁ ପେଟ ପୋଷ, କୁଟୁମ୍ବ ପୋଷ, ପାଇଁ ଶ୍ରମିକ ରୂପେ, ସବାରୀ ବାହକ, ଗୋ ପାଳକ, ଦୁଗ୍ଧ ଦୁହାଁଳି କାର୍ଯ୍ୟ, ଘରେ ଘରେ ଜଳ ଯୋଗାଣ ପାଇଁ କାନ୍ଧରେ ବାହୁଙ୍ଗୀରେ ପେୟ ଜଳ, ସ୍ନାନ, ଶୌଚ ଜଳ ସଂଗ୍ରହ କରି ଯୋଗାଇ, ଜୀବିକା ଚଳାଉଥିଲେ, ଭଦ୍ରଖ, ବାରିକପୁର, ଭଣ୍ଡାରୀ ପୋଖରୀ ଏ ନାମରେ ଲୁଚିଛି ଲୋକଙ୍କୁ ଭଦ୍ର ସଜାଇବା ବୃତ୍ତି, ଯାହା ଖିଅର କରିବା, ବିବାହ ଉମପନୟନ କାର୍ଯ୍ୟରେ ପୂଜାପାଠ କାର୍ଯ୍ୟରେ, ଦୂତ ସମ୍ବାଦ ବାହକ କାର୍ଯ୍ୟରେ, ମୃତାହରେ ଶୁଦ୍ଧି କାର୍ଯ୍ୟରେ ସମ୍ଭ୍ରାନ୍ତ ଗୃହସ୍ଥଙ୍କ ଦରକାରୀ ଖବର, ନିମନ୍ତ୍ରଣ, ସୁପାରୀ ଚାଲାଣ ଏପରିକି ଶୁଭ ଅଶୁଭ ସମ୍ବାଦ ବାହକ ସାଜୁଥିଲେ, କୁହାଯାଏ ବାରିକ ମୁଠି ଟଙ୍କା ଛଅଟି ଅର୍ଥାତ୍ ସର୍ବନିମ୍ନ ପୁଞ୍ଜିରେ ରୋଜଗାର ଧନ୍ଦାକୁ, ଖୁର କତୁରୀ ଧରି ଜାଣିଲେ ପେଟ ଅପୋଷା ରହେନାହିଁ ହେଲେ ଏକ ଜାଗାରେ ଅନେକ ରହିଲେ ଭଲ ବୃତ୍ତି ଚାଲି ପାରିବ ନାହିଁ ବୋଲି ସେମାନେ କଳିକତା ପରି ସହରମୁହାଁ ହୋଇ କୃତ ଚଳାଉଥିଲେ। ଏବେ ଉକ୍ତ ସ୍ଥାନର ଲୋକେ ଦାରିଆପାରିରେ ବୃତ୍ତିରେ ବି ଅଛନ୍ତି ସେଲୁନ କରି ଅନେକ ରୋଜଗାରୀ। ଅନେକ କୃଷିଜୀବୀ ବଙ୍ଗାଳିବାବୁ ମାନଙ୍କ ଚାଷଜମିରେ ଚାଷ କୃଷି କରିବାକୁ, ମାଳୀମାନେ ବାବୁ ମାନଙ୍କର ସାହେବ ମାନଙ୍କର ଉପବନ ଉଦ୍ୟାନରେ ବହୁ ପ୍ରକାର ଫୁଲ ଫଳ ଚାଷ କରୁଥିଲେ।

ମାଳୀ କାମ ନିୟୋଗରେ କେନ୍ଦ୍ରାପଡ଼ାର ଜଣେ ବ୍ୟକ୍ତି ବିରଳା କମ୍ପାନୀଙ୍କ ମାଳୀ ରୂପେ ମୁତୟନ ହୋଇ ଦିଲ୍ଲୀ ବିରଳା ଭବନର ଉଦ୍ୟାନରେ କାର୍ଯ୍ୟରତ ଥିଲେ ନାଥୁରାମ ଗଡ଼ସେ ଯେତେବେଳେ ଗାନ୍ଧିଜୀଙ୍କୁ ଗୁଳି ମାରି ହୋଇହାଲ୍ଲା ମଧ୍ୟରେ ସ୍ଥାନ ପରିତ୍ୟାଗ କରି ଖସିଯାଉଥିଲେ ସେତେବେଳେ କେନ୍ଦ୍ରାପଡ଼ାର ମାଳୀକାମକାରୀ ବ୍ୟକ୍ତି ହିଁ ଗଡ଼ସେଙ୍କୁ ଆୟତ କରିଥିଲେ, ମାଳୀ କାମ କରି ଓଡ଼ିଆ କେବେ ହେଲେ ମାଲିକଙ୍କ ଅପ୍ରିୟ ହୋଇ ନାହାନ୍ତି। ବର୍ତ୍ତମାନରେ ଓଡ଼ିଆ କୃଷକ ଅନେକ ଚାଷ କ୍ଷେତ୍ରରେ ବଂଶାନୁ କ୍ରମିକ କାମକରି ସେଠାରେ କାଳକ୍ରମେ ସ୍ଥାୟୀ ବାସିନ୍ଦା ହୋଇଯାଇଛନ୍ତି। ଗୋପାଳନ ଗୋଚରଣ ଏ କାମ କିଛି ଜଣ କରୁଥିଲେ ବିଭିନ୍ନ କଳକାରଖାନାରେ କାମ କରୁଥିଲେ, ଝୋଟ ଚଟ କଳ, ଲୁଗାବୁଣା ପ୍ରଥମେ ହାତତନ୍ତ ପରେ ପରେ କଳ ତନ୍ତି ଲୁଗାବୁଣା ସୂତା ଆଦି କାରଖାନାରେ କାମ କରୁଥିଲେ। ବନ୍ଦର ଡକ ଶ୍ରମିକ ଖଲାସୀ କାମ କରୁଥିଲେ, ଅନେକ ମୁକ୍ତାର ଓକିଲ କୋର୍ଟ କଚେରୀରେ କାମ କରୁଥିଲେ, ରାଇଟର୍ସ ବିଲଡିଂରେ କିଛି ତଳିଆ କର୍ମଚାରୀ ଥିଲେ, ପୋଷ୍ଟା ବଡ଼ ବଜାରରେ ଗୋଦାମ ମାନଙ୍କରେ କଣ୍ଟା ବାଲା ବାହକ ଥିଲେ, ବଡ଼ ବଜାର ଥାନାରେ ଓଡ଼ିଆରେ ଅଭିଯୋଗ ନିଆଯାଉଥିଲା। ପଣ୍ଡିତ ଗୋପବନ୍ଧୁ ଦାଶ ତତ୍କାଳ ପୋଷ୍ଟା ଓଡ଼ିଆ ଶ୍ରମିକ ୟୁନିଅନ ପାଇଁ ଅନେକ ମଙ୍ଗଳକର କାର୍ଯ୍ୟ କରିଛନ୍ତି, ତାଙ୍କ ସ୍ମାରକୀରେ ତଳା ପଟ୍ଟୀ ନାମି ଉତ୍କଳମଣି ଗୋପବନ୍ଧୁ ସାରଣୀ ଦିଆଯାଇଥିଲା। ବିଖ୍ୟାତ ଆନନ୍ଦ ବଜାର ପତ୍ରିକାର ପରିବେଶ ରୂପେରହି ତିର୍ତ୍ତୋଲ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ପାତିରାମ ପରିଜା ବହୁ ଓଡ଼ିଆଙ୍କୁ ଖବରକାଗଜ ହକର ରୂପେ ମୁତୟନ କରିଥିଲେ, ଆସନ୍ତାକାଲି ମାସିକ ପତ୍ରିକା ତାଙ୍କ ସାନଭାଇଙ୍କ ଦ୍ୱାରା ମୁଦ୍ରଣ ହୋଇ କଲିକତାରୁ ବାହାରୁ ଥିଲା ପରେ ପରେ ନବରବି ଛପାଯାଇ ବାହାରୁଥିଲା। ଯହିଁରେ ବହୁ ମୁଦ୍ରାକର ଓଡ଼ିଆ କାର୍ଯ୍ୟ ପାଇଥିଲେ ଶାଶ୍ୱତ ମୁଦ୍ରଣୀ, ଅଙ୍ଗଲୋ ଓଡ଼ିଆ ପ୍ରେସ ପରି ଛାପାଖାନାରେ ଓଡ଼ିଆ କାମ କରୁଥିଲେ।

ବହୁ ଓଡ଼ିଆ ହୋଟେଲ ଓଡ଼ିଆ ରନ୍ଧନର ସ୍ୱାଦିଷ୍ଟ ଖାଦ୍ୟ ଓଡ଼ିଆ ରୋଷେୟା ପ୍ରସ୍ତୁତ କରୁଥିଲେ। ଏ ସମୟରେ ଧର୍ମତଳାର ଚାନ୍ଦିନୀ ଚୌକ ଅଞ୍ଚଳରେ ଅଛି କେଇ ପିଢ଼ିର ଓଡ଼ିଆ ହୋଟେଲ ମଡ଼ର୍ଣ୍ଣ ଇଟିଙ୍ଗ ହାଉସ, ଏଥିରେ ମାଲିକ ଓ ଅନେକ କର୍ମଚାରୀ ଓଡ଼ିଆ। ଏତେ ଓଡ଼ିଆ ଏବେଳରେ ଅଛନ୍ତି ଓଡ଼ିଆ ହାଇସ୍କୁଲ ଚାଲିଛି। ଜଗନ୍ନାଥ ମନ୍ଦିର ବିଭିନ୍ନ ଅଞ୍ଚଳରେ ରହିଛି ଯହିଁରେ ପ୍ରଥମରୁ ଓଡ଼ିଆ ପରମ୍ପରାରେ ଦେବ ସେବକ ଗଣ ପୁରୀ ଶ୍ରୀମନ୍ଦିର ପ୍ରଥାରେ ବହୁ କାଳରୁ କରି ଆସୁଛନ୍ତି। ଏ ସମୟରେ ଗୁଜୁରାଟର ସୁରତରେ ଅନେକ ଓଡ଼ିଶା ଲୋକ ଭଲ ଭଲ ରୋଜଗାରରେ ଅଛନ୍ତି ସମଗ୍ର ପୃଥିବୀରେ ଓଡ଼ିଶାର ଲୋକେ ବୃତ୍ତି ପାଇଁ ପହଞ୍ଚି ସାରିଛନ୍ତି। ହେଲେ ଏ ସମୟରେ ଯେତେଲୋକ ଅଛନ୍ତି ଯେତେ ଭିତ୍ତିଭୂମି ଅଛି ତାକୁ ଉଚିତ ମାର୍ଗରେ ବିନିଯୋଗକାରୀ ଆଗାମୀ ବର୍ଦ୍ଧିତ ଜନସଂଖ୍ୟା ପାଇଁ ପ୍ରସ୍ତୁତ ରହିବା ଦାୟିତ୍ୱ ଉଭୟ ଜନତା ଓ ସରକାରଙ୍କର ରହିବା ଜରୁରୀ। ଦାସତ୍ୱବୋଧ, ପରାଶ୍ରୟୀ ଭାବ, ଋଣ ବିମୁକ୍ତ ରହି କିପରି ଭଲକରି ଜୀବନଯାପନ ବିନା ଚାପ ଚୋରୀ ଠକେଇରୁ ମୁକ୍ତ ରହି ହୋଇ ହେବ ଏହା ସମୂହ ଉଦ୍ୟମ ହେବା ଆବଶ୍ୟକ। ଅନ୍ୟ ଦେଶ ଆମକୁ କେବେ ବି ନାଲ ଆଖି ବଣିକ ଦ୍ରବ୍ୟ ପାଇଁ ନ ଦେଖାଉ। ନିଜ ଦ୍ରବ୍ୟ ଉତ୍ପାଦନ ସବୁପ୍ରକାରରେ କରିବା ଉଦ୍ୟମ ଆରମ୍ଭ ହେଉ, ସଂକଳ୍ପ ହେଉ। ଆଜି ବଙ୍ଗ ରାଜ୍ୟରୁ ପଳାଇ ଆସି ବିଭିନ୍ନ ରାଜ୍ୟରେ ବିଭିନ୍ନ ସ୍ଥାନରେ ଥିବା ଲୋକଙ୍କୁ ତଡ଼ା ଯାଉଛି, ଯଦି ଏପରି ଅବସ୍ଥା ଭବିଷ୍ୟତକୁ ଆମ ଲୋକଙ୍କ ପାଇଁ ଲାଗୁହେବ ତେବେ ପରିସ୍ଥିତି ନିଶ୍ଚେ ଅସମ୍ଭାଳ ହେବ, ଏହାର ପରିସ୍ଥିତି ବୁଝି ନାନାଦି ପ୍ରଗତିଶୀଳ ଯୋଜନା ଏବେଠାରୁ ଆରମ୍ଭ କରାଯାଉ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

ପ୍ରତିଶବ୍ଦ TV

ଭୁବନେଶ୍ୱର, ୫ ଜୁନ୍ ୨୦୨୬

ସମାଜସେବା ପାଇଁ ଉତ୍ସର୍ଗୀକୃତ ଜୀବନ, ସମସ୍ତଙ୍କ ପ୍ରେରଣା ରସାନନ୍ଦ

ପ୍ଲାଷ୍ଟିକ ବୋତଲକୁ କରିଛନ୍ତି ପକ୍ଷୀଙ୍କ ଜୀବନଦାୟିନୀ ଜଳପାତ୍ର

ଫୁଲନଖରା,୪।୬: ପେଷାରେ ଜଣେ ପୋଲିସ କର୍ମଚାରୀ, କିନ୍ତୁ ନିଶା ତାଙ୍କର ସମାଜସେବା। ମଣିଷ ସହ ପଶୁପକ୍ଷୀଙ୍କ ପ୍ରତି ଅକୁଣ୍ଠ ଭଲପାଇବା ଏବଂ ନିଷ୍ପାପର ସେବା ମନୋଭାବ ପାଇଁ ସେ ଆଜି ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ହେଉଛନ୍ତି ଅଗ୍ରଣୀ ସାମାଜିକ ସଂଗଠନ ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟ, ଓଡ଼ିଶାର ବରେଣ୍ୟ ସମ୍ପାଦକ, ବିଶିଷ୍ଟ ସମାଜସେବୀ ଓ ମହାନ ରକ୍ତଦାତା ରସାନନ୍ଦ ଦେଉରୀ, ଯିଏ ସାଧାରଣ ଲୋକଙ୍କ ମଧ୍ୟରେ 'ପ୍ରିନ୍ସ ନନ୍ଦ' ନାମରେ ଅଧିକ ପରିଚିତ। କଟକ ଜିଲ୍ଲା ଟିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ପଞ୍ଚାୟତର କଳିବିର ଗ୍ରାମରେ ଜନ୍ମଗ୍ରହଣ କରିଥିବା ରସାନନ୍ଦ ଦେଉରୀ ଗତ ପ୍ରାୟ ୧୮ ବର୍ଷ ଧରି ନିରନ୍ତର ଭାବେ ସମାଜସେବା କ୍ଷେତ୍ରରେ ନିଜକୁ ସମର୍ପିତ କରିଆସୁଛନ୍ତି। ଚାକିରିର ବ୍ୟସ୍ତତା ମଧ୍ୟରେ ମଧ୍ୟ ସେ ମଣିଷର ଦୁଃଖ-ଦୁର୍ଦ୍ଦଶା ଦୂର କରିବା ଏବଂ ସମାଜ ପାଇଁ କିଛି ଭଲ କାମ କରିବାର ସଂକଳ୍ପକୁ କେବେ ଭୁଲିନାହାନ୍ତି। ସମାଜସେବା ସହ ସେ ସାହିତ୍ୟ

ସାଧନା ପ୍ରତି ମଧ୍ୟ ଗଭୀର ଆଗ୍ରହ ରଖିଛନ୍ତି। ଜଣେ ସୁସାହିତ୍ୟିକ ଓ କବି ଭାବେ ସେ ଅନେକ ସାହିତ୍ୟ ମଞ୍ଚରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କ ଲେଖାରେ ସାମାଜିକ ସଚେତନତା, ମାନବିକ ମୂଲ୍ୟବୋଧ ଏବଂ ସେବାର ବାର୍ତ୍ତା ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଥାଏ। ରକ୍ତଦାନ କ୍ଷେତ୍ରରେ ରସାନନ୍ଦଙ୍କ ଅବଦାନ ଅତୁଳନୀୟ। ସେ ନିଜେ ନିୟମିତ ଭାବେ ରକ୍ତଦାନ କରିବା ସହିତ ଅନ୍ୟମାନଙ୍କୁ ମଧ୍ୟ ରକ୍ତଦାନ ପାଇଁ ପ୍ରେରିତ କରୁଛନ୍ତି। ଜରୁରୀ ସମୟରେ ରକ୍ତ ଅଭାବରେ କୌଣସି ରୋଗୀଙ୍କ ଜୀବନ ନ ଯାଉ, ସେଥିପାଇଁ ସେ ସଦାସର୍ବଦା ତତ୍ପର ରହିଥାନ୍ତି। ଏହା ବ୍ୟତୀତ ଜନସଚେତନତା କାର୍ଯ୍ୟକ୍ରମ, ଅନାଥାଶ୍ରମ ଓ ବୃଦ୍ଧାଶ୍ରମକୁ ସହଯୋଗ, ଖାଦ୍ୟ ବଣ୍ଟନ, ସ୍ୱାସ୍ଥ୍ୟ ଶିବିର ଆୟୋଜନ ଏବଂ ବିଭିନ୍ନ ମାନବହିତକର କାର୍ଯ୍ୟରେ ସେ ସକ୍ରିୟ ଭାବେ ଜଡିତ ରହିଛନ୍ତି। ତେବେ ରସାନନ୍ଦ ଦେଉରୀଙ୍କ ସବୁଠାରୁ ନିଆରା ପରିଚୟ ହେଉଛି ପଶୁପକ୍ଷୀଙ୍କ ପ୍ରତି ତାଙ୍କର ଅସୀମ ଦରଦ। ଗ୍ରୀଷ୍ମ ଋତୁ ଆସିଲେ ସେ ଚିନ୍ତିତ ହୋଇପଡ଼ନ୍ତି ଯେ, ଜଳ ଅଭାବରେ କୌଣସି ପକ୍ଷୀ କିମ୍ବା ପଶୁର ଜୀବନ ନଷ୍ଟ ନ ହେଉ। ଏହି ଚିନ୍ତାଧାରାରୁ ସେ ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି। ବ୍ୟବହୃତ ପ୍ଲାଷ୍ଟିକ ବୋତଲକୁ ସଂଗ୍ରହ କରି ଗଛରେ ବାନ୍ଧି ସେଥିରେ ପାଣି ଭରି ରଖନ୍ତି, ଯାହା ଦ୍ୱାରା ପକ୍ଷୀମାନେ ସହଜରେ ପାଣି ପିଇପାରନ୍ତି। ଏହି ମହତ୍ କାର୍ଯ୍ୟ ପାଇଁ ଆଜି ସମସ୍ତେ ତାଙ୍କୁ ସ୍ନେହର ସହ 'ବୋତଲର ମଣିଷ' ବୋଲି ସମ୍ବୋଧନ କରନ୍ତି। ପ୍ରତିବର୍ଷ ସେ ୧୦୦୦ରୁ ଅଧିକ ପ୍ଲାଷ୍ଟିକ ବୋତଲକୁ ପକ୍ଷୀମାନଙ୍କ ପାଇଁ ଜଳପାତ୍ରରେ ପରିଣତ କରି ବିଭିନ୍ନ ଗଛ ଡାଳରେ ବାନ୍ଧିଥାନ୍ତି। ସେହିପରି ଗାଈ, କୁକୁର ଓ ଅନ୍ୟାନ୍ୟ ପଶୁଙ୍କ ପାଇଁ ବିଭିନ୍ନ ସ୍ଥାନରେ ଜଳକୁଣ୍ଡ ସ୍ଥାପନ କରି ସେମାନଙ୍କ ତୃଷ୍ଣା ମେଣ୍ଟାଇବାର ବ୍ୟବସ୍ଥା କରୁଛନ୍ତି। ପରିବେଶ ସୁରକ୍ଷା ସହ ପଶୁପକ୍ଷୀ ସୁରକ୍ଷାର ଏହି ଅଭିନବ ପ୍ରୟାସ ସମସ୍ତଙ୍କ ପାଇଁ ଏକ ପ୍ରେରଣା ପାଲଟିଛି। ରସାନନ୍ଦ ଦେଉରୀଙ୍କ ଏହି ନିଷ୍ଠା ଓ ମାନବିକତାରେ ଅନୁପ୍ରାଣିତ ହୋଇ ଅନେକ ଶିକ୍ଷିତ ଯୁବକ-ଯୁବତୀ ତାଙ୍କ ସହ ଯୋଡ଼ି ହୋଇଛନ୍ତି। ସେମାନେ ମଧ୍ୟ ସମାଜସେବା, ରକ୍ତଦାନ, ପରିବେଶ ସୁରକ୍ଷା ଓ ପଶୁପକ୍ଷୀ ସେବା ଭଳି କାର୍ଯ୍ୟରେ ନିଜକୁ ନିୟୋଜିତ କରୁଛନ୍ତି। ଫଳରେ ଏହି ମାନବିକ ଅଭିଯାନ ଆହୁରି ବ୍ୟାପକ ରୂପ ନେଉଛି। ଆଜିର ସ୍ୱାର୍ଥପର ସମାଜରେ ରସାନନ୍ଦ ଦେଉରୀଙ୍କ ଭଳି ବ୍ୟକ୍ତିତ୍ୱ ନିଶ୍ଚିତ ଭାବେ ଏକ ବିରଳ ଉଦାହରଣ। ପୋଲିସ ବର୍ଦ୍ଦି ପିନ୍ଧି ଆଇନ ଶୃଙ୍ଖଳା ରକ୍ଷା କରିବା ସହିତ ସେ ନିଜର ନିଷ୍କାମ ସେବା, ମାନବିକତା ଓ ପରିବେଶ ପ୍ରେମ ମାଧ୍ୟମରେ ସମାଜ ପାଇଁ ଏକ ଆଦର୍ଶ ସୃଷ୍ଟି କରିଛନ୍ତି।

ବିକାଶର ବାସ୍ତବ ଚିତ୍ର

ରାସ୍ତା ଅଭାବରୁ ଖଟିଆ ହେଲା ଭରସା

- ୬ କିଲୋମିଟର ବୋହା ହେଲେ ପ୍ରସୂତି ଓ ନବଜାତ
- ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବାର ନଗ୍ନ ସତ୍ୟ ସାମ୍ନାକୁ ଆସିଲା

କୋରାପୁଟ,୪।୬: କରୁଣା ମହାନନ୍ଦିଆ ବିକାଶର ବଡ଼ ବଡ଼ ଦାବି ମଧ୍ୟରେ କୋରାପୁଟ ଜିଲ୍ଲାରୁ ଆସିଛି ଏକ ହୃଦୟବିଦାରକ ଚିତ୍ର। ଜୟପୁର ବ୍ଲକ ଅନ୍ତର୍ଗତ କେବିଡ଼ି ପଞ୍ଚାୟତର କୁସୁମଭୋଟା ଗ୍ରାମରେ ରାସ୍ତା ଅଭାବରୁ ଜଣେ ପ୍ରସୂତି ମହିଳା ଓ ନବଜାତ ଶିଶୁକନ୍ୟାଙ୍କୁ ଖଟିଆରେ ବୋହି ପ୍ରାୟ ୬ କିଲୋମିଟର ଦୂର ନେବାକୁ ପଡ଼ିଛି। ଏହି ଘଟଣା ଦୁର୍ଗମ ଅଞ୍ଚଳରେ ମୌଳିକ ସୁବିଧାର ଅଭାବକୁ ପୁଣିଥରେ ସାମ୍ନାକୁ ଆଣିଛି। ସୂଚନା ଅନୁଯାୟୀ, ଗ୍ରାମର ମଙ୍ଗୁଲୁ ମୁଦୁଲିଙ୍କ ସ୍ତ୍ରୀ ଲଳିତା ପୂଜାରୀଙ୍କର ପ୍ରସବ ବେଦନା ଆରମ୍ଭ ହେବା ପରେ ପରିବାର ଲୋକେ ଆମ୍ବୁଲାନ୍ସ ସେବା ସହ ଯୋଗାଯୋଗ କରିଥିଲେ। କିନ୍ତୁ ଗାଁକୁ ସଡ଼କ ସଂଯୋଗ ନଥିବାରୁ ଆମ୍ବୁଲାନ୍ସ ସେଠାକୁ ପହଞ୍ଚି ପାରିନଥିଲା। ଫଳରେ ଲଳିତା ନିଜ ଘରେ ଏକ ଶିଶୁକନ୍ୟାଙ୍କୁ ଜନ୍ମ ଦେଇଥିଲେ। ପ୍ରସବ ପରେ ମା' ଓ ନବଜାତ ଶିଶୁଙ୍କ ସ୍ୱାସ୍ଥ୍ୟ

ଅବସ୍ଥା ସନ୍ତୋଷଜନକ ନଥିବାରୁ ସେମାନଙ୍କୁ ତୁରନ୍ତ ଚିକିତ୍ସାଳୟ ନେବା ଆବଶ୍ୟକ ହୋଇଥିଲା। ଉପାୟ ନପାଇ ପରିବାର ସଦସ୍ୟ ଓ ଗ୍ରାମବାସୀମାନେ ମିଳିତ ଭାବେ ଏକ ଖଟିଆରେ ଉଭୟଙ୍କୁ ବୋହି ପ୍ରାୟ ୬ କିଲୋମିଟର ଦୂର ଭଇରାଙ୍ଗୀମୋଟ ପର୍ଯ୍ୟନ୍ତ ନେଇଥିଲେ। ସେଠାରୁ ଏକ ଆମ୍ବୁଲାନ୍ସ ଯୋଗେ ମା' ଓ ଶିଶୁଙ୍କୁ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବର୍ଷ ବର୍ଷ ଧରି ଗ୍ରାମକୁ ରାସ୍ତା ନିର୍ମାଣ ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇବା ପାଇଁ ଦାବି କରାଯାଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଫଳପ୍ରଦ ପଦକ୍ଷେପ ନିଆଯାଇନାହିଁ। ଏପରିକି ଭତ୍ତା, ରାସନ ଓ ବିଭିନ୍ନ ସରକାରୀ ସେବା ପାଇଁ ଆଜି ମଧ୍ୟ ଗ୍ରାମବାସୀଙ୍କୁ ୧୧ରୁ ୧୨ କିଲୋମିଟର ପର୍ଯ୍ୟନ୍ତ ପାଦେ ଯାତ୍ରା କରିବାକୁ ପଡୁଛି। ଏହି ଘଟଣା ବିକାଶର ଦାବି ଓ ବାସ୍ତବ ଚିତ୍ର ମଧ୍ୟରେ ଥିବା ଫାରାକକୁ ସ୍ପଷ୍ଟ କରିବା ସହ ପ୍ରଶାସନିକ ବ୍ୟବସ୍ଥା ଉପରେ ଅନେକ ପ୍ରଶ୍ନ ଉଠାଇଛି।

ଶୀତଳଷଷ୍ଠୀ ଉପଲକ୍ଷେ ପ୍ରାକ ପ୍ରସ୍ତୁତି ବୈଠକ

ଆଠମଲ୍ଲିକ,୪।୬: ଆଠମଲ୍ଲିକ ସ୍ଥିତ ରାମେଶ୍ୱରପାଟଣା ଶିବ ମନ୍ଦିର ପରିସରରେ ଶୀତଳଷଷ୍ଠି ଯାତ୍ରା ନିମନ୍ତେ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରସ୍ତୁତି ବୈଠକ ରେ ନିଷ୍ପତି ଅନୁଯାଇ ୧୮ ତାରିଖ ରେ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ପାଳନ ହେବାକୁ ଥିବା ବେଳେ ୧୯ ତାରିଖ ରେ ଦେବ ଦମ୍ପତି ଙ୍କ ସହର ପରିକ୍ରମା କରା ଯିବାର ସ୍ଥିରୀକୃତ ହୋଇଛି। ମାତା ପାର୍ବତୀଙ୍କ ପିତା ଭାବରେ ଉମେଶ କୁମାର ଅଗ୍ରୱାଲା ଓ ମାତା ଭାବରେ ତାଙ୍କ ସହଧର୍ମିଣୀ

ବବିତା ଅଗ୍ରୱାଲା ମହାଦେବ ଙ୍କ ପିତା ଭାବରେ ଶ୍ରୀକାନ୍ତ ମିଶ୍ର, ତାଙ୍କ ସହଧର୍ମିଣୀ ବିଳାସିନୀ ଦେବୀ ମାତା ପିତା ଭାବରେ ଦାୟିତ୍ୱ ତୁଲାଇବେ ବୋଲି ନିଷ୍ପତି ନିଆ ଯାଇଥିଲା । ଶୀତଳ ଷଷ୍ଠି ପୂଜା କମିଟି ର ସଭାପତି ଭାବରେ ଅଶ୍ୱିନୀ ଆଚାର୍ଯ୍ୟ, ସମ୍ପାଦକ ତ୍ରିଜୀବ ତ୍ରିପାଠୀ, କୋଷାଧକ୍ଷ ଭାବରେ ହରେକୃଷ୍ଣ ଡାଙ୍ଗ, ସଭ୍ୟ ଅମୀୟ ଦାଶ, କୁଲୁ ପ୍ରଧାନ,ରମାକାନ୍ତ ଚାନ୍ଦ,ଜ୍ୟୋତିପ୍ରକାଶ ମିଶ୍ର,ସୁବୋଧ ମିଶ୍ର,ମନୋରଞ୍ଜନ ରଣା, ନରହରି ବାହୁକ,ଅଶୋକ ବେହେରା ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ ।

ବିଧାୟକ ଓ ଯୁବକ ସଂଘ ସହାୟତା

ଗାଁକୁ ଫେରିଲା ମୃତ ଶ୍ରମିକଙ୍କ ଶବ

ସୋରଡ଼ା,୪।୬: ସୋରଡା ବ୍ଲକ୍ ବୋରଦା ପଞ୍ଚାୟତ ହାତିଖାଲ ଗ୍ରାମ ହରିଜନ ସାହି କାଲୁ ନାୟକ (୩୨) ପରିବାର ପ୍ରତିପୋଷଣ ପାଇଁ ଦାଦନ ଖଟିବାକୁ ପ୍ରାୟ ୮ବର୍ଷ ଧରି

କେରଳ କାମ କରୁଥିଲେ। କିଛି ଦିନ ତଳେ ନିଜ ଗ୍ରାମକୁ ଫେରି ପୁଣି କେରଳ ଯାଇଥିଲେ। ତେବେ ସେଠାରେ ଟ୍ରେନରେ ଯାତ୍ରା କରୁଥିବା ସମୟରେ କୌଣସି କାରଣ ବଶତଃ ଖସି ପଡିବାରୁ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିଲେ। କିନ୍ତୁ ଚିକିତ୍ସିତ ଅବସ୍ଥାରେ ୩ ଦିନ ତଳେ ତାଙ୍କ ମୃତ୍ୟୁ ହୋଇଥିଲା ଏବଂ ଶବ ବ୍ୟବଚ୍ଛେଦ ମଧ୍ୟ ହୋଇଥିଲା। ତେବେ ମୃତ କାଲୁ ନାୟକଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଗାଁକୁ ଶବ ଆଣିବା ପାଇଁ ମଧ୍ୟ ଅସମର୍ଥ ଥିବା ବେଳେ ବୋରାଦା ପଞ୍ଚାୟତ ଯୁବକ ସଙ୍ଘ ସଦସ୍ୟ କାହ୍ନୁ ଚରଣ ସାହୁ ସହାୟତା ନିମନ୍ତେ ସ୍ଥାନୀୟ ବିଧାୟକ ନୀଳମଣି ବିଷୋୟୀଙ୍କ ଦୃଷ୍ଟିଗୋଚର କରିବା ପରେ ବିଧାୟକ ମୃତକଙ୍କ ଶବ ଆଣିବା ପାଇଁ ଆମ୍ବୁଲାନ୍ସର ବ୍ୟବସ୍ଥା କରିବା ଫଳରେ ଆଜି ହାତୀ ଖାଲ ଗ୍ରାମରେ ଶବ ପହଞ୍ଚିବା ପରେ ପରିବାର ଶବ ସଂସ୍କାର କରିଛନ୍ତି। ବିଧାୟକ ନୀଳମଣି ବିଷୋୟୀ ଓ ବୋରଦା ଯୁବକ ସଙ୍ଘର ମାନବିକତା ପାଇଁ ଅଞ୍ଚଳବସୀ ଧନ୍ୟବାଦ ଦେଉଥିବା ବେଳେ ମୃତକ କାଲୁ ନାୟକଙ୍କ ପରିବାର ବେସାହାରା ହୋଇଥିବାରୁ ସହାୟତା ନିମନ୍ତେ ନିବେଦନ କରିଛନ୍ତି।

ବିଭିନ୍ନ ସମସ୍ୟା ଓ ଉନ୍ନୟନ ମୂଳକ ପ୍ରସଙ୍ଗକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ

ବଲାଙ୍ଗୀର,୪।୬: ଆଜି ବଲାଙ୍ଗୀର ସର୍କିଟ ହାଉସ ଠାରେ ମାନ୍ୟବର ବିଧାୟକ କାଳିକେଶ ନାରାୟଣ ସିଂଦେଓ ଙ୍କ ଅଧକ୍ଷତା ରେ ବଲାଙ୍ଗୀର ଜିଲ୍ଲାର ଜନସାଧାରଣ ଙ୍କ ଭିନ୍ନ ଭିନ୍ନ ସମସ୍ୟା ଓ ଉନ୍ନୟନ ମୂଳକ ପ୍ରସଙ୍ଗ କୁ ନେଇଁ ଗୁରୁତ୍ୱ ପୂର୍ଣ୍ଣ ସମୀକ୍ଷା

ବୈଠକ କରିଥିଲେ, ଏହି ବୈଠକ ରେ ସହର ଓ ଗ୍ରାମାଞ୍ଚଳ ର ପାନୀୟ ଜଳ,ରାସ୍ତା ଘାଟ,ସ୍ୱାସ୍ଥ ସେବା, ଶିକ୍ଷା,ପରିମଳ ବ୍ୟବସ୍ଥା ଓ ଅନ୍ୟାନ୍ୟ ଜନ କଲ୍ୟାଣ ମୂଳକ ବିଷୟ ଉପରେ ବିସ୍ତୃତ୍ୟ ଆଲୋଚନା କରିଥିଲେ,ଜନସାଧାରଣ ଙ୍କ ସମସ୍ୟା ର ଶୀଘ୍ର ସମାଧାନ ଏବଂ ବଲାଙ୍ଗୀର ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମାନ୍ୟବର ବିଧାୟକ ଗୁରୁତ୍ୱରୋପ କରିଥିଲେ, ବଲାଙ୍ଗୀର ର ବିକାଶ,ଜନସାଧାରଣ ଙ୍କ ସୁବିଧା ଏବଂ ଅଂଚଳ ର ଉନ୍ନତି ପ୍ରତି ତାଙ୍କର ଦୃଢ଼ ପ୍ରତିବଦ୍ଧତା ଏହି ବୈଠକ ମାଧ୍ୟମରେ ସ୍ପଷ୍ଟ ପ୍ରତିଫଳିତ ହୋଇଥିଲା,ଜନହିତକର କାର୍ଯ୍ୟ ପ୍ରାଥମିକତା ଦେଇ ବଲାଙ୍ଗୀର ଜିଲ୍ଲା କୁ ଏକ ଆଦର୍ଶ ଜିଲ୍ଲା ଭାବେ ଗଢି ତୋଳିବା ରେ ଏହା ଏକ ସକାରାତ୍ମକ ପଦକ୍ଷେପ ବୋଲି ବୁଦ୍ଧିଜୀବୀ ମହାଲରେ ଚର୍ଚ୍ଚା ହେଉଅଛି।

ଏସଆଇଆର୍ ଉପରେ ସଚେତନତା ରଥର ଶୁଭାରମ୍ଭ

ବଣାଇଁ,୪।୬: ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍ . ଆଇ. ଆ଼ର୍. ଉପରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ଏକ ସଚେତନତା ରଥର ଶୁଭାରମ୍ଭ

କରାଯାଇଅଛି। ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ ଏବଂ ସଦର ଉପଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା ଏହି ସଚେତନତା ରଥ ର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ଟି ଜିଲ୍ଲା ର ବିଭିନ୍ନ ଅଞ୍ଚଳ ବୁଲି ଜନସାଧାରଣଙ୍କ ମଧ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ଉପରେ ସଚେତନତା ସୃଷ୍ଟି କରିବ, ଯେପରିକି ଏକ ତ୍ରୁଟି ଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ ହୋଇପାରିବ ଏବଂ ସମସ୍ତ ଯୋଗ୍ୟ ଭୋଟର ମାନେ ଯେପରି ତାଲିକାରେ ଅନ୍ତର୍ଭୁକ୍ତ ହୋଇ ପାରିବେ ତାହା ସୁନିଶ୍ଚିତ କରିବା ଉପରେ ସଚେତନ କରାଇବ। ଏହି କାର୍ଯ୍ୟକ୍ରମ ଅବସର ରେ ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ଶୁଳିଆ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ ଏବଂ ବିଭିନ୍ନ ପ୍ରକାର ରଙ୍ଗୋଲି ମାଧ୍ୟମରେ ଏସ. ଆଇ. ଆ଼ର୍. ଉପରେ ଜନସଚେତନତା ସୃଷ୍ଟି କରିଥିଲେ।

ଚଳିତ ବର୍ଷ ୨୦୨୫-୨୬ର ରବି ଧାନମଣ୍ଡିର ଶୁଭାରମ୍ଭ

କୋଟପାଡ଼,୪।୬: ଆଜି କୋଟପାଡ଼ ବ୍ଲକ ଅନ୍ତର୍ଗତ ବୋବେୟା ପଞ୍ଚାୟତ ଠାରେ ଚଳିତ ବର୍ଷ ୨୦୨୫-୨୬ ରବି ଧାନମଣ୍ଡିର ଉଦଘାଟନ ମାନ୍ୟବର ବିଧାୟକ ରୁପୁ ଭତରା,ସାଂସଦ ପ୍ରତିନିଧି ରାମେଶ୍ୱର ଜେନା, ଧାନମଣ୍ଡି ଅଧକ୍ଷ ଗଣେଶ ଚନ୍ଦ୍ର ପଣ୍ଡା,ଲେମ୍ପସ

ଡାଇରେକ୍ଟର କମଳା ଭତରା,ବ୍ଲକ ଅଧକ୍ଷ କମଳା ଭତରା,ଉପାଦକ୍ଷ ତପନ ପାଣିଗ୍ରାହୀ,ପାଣି ପଞ୍ଚାୟତ ସଭାପତି ବିରେନ ବିଶୋଇ,ଚାଷୀ ସଙ୍ଘର ବ୍ଲକ ସଭାପତି ସଞ୍ଜୟ ବେହେରା,ବୋବେୟା ସରପଞ୍ଚ ବନିତା ନାୟକ,କେ.ସି.ସି ବ୍ୟାଙ୍କ ଉପସଭାପତି ଦ୍ରୁପଦା ଭତରା,ଘୁମର ସରପଞ୍ଚ କମଳା ପୂଜାରୀଙ୍କ ସହ ସମସ୍ତ ସରପଞ୍ଚ,ଚାଷୀ ସଙ୍ଘର ସମସ୍ତ କମିଟି ସଦସ୍ୟ,ଆର ଏମ ସି ର ସମସ୍ତ କର୍ମଚାରୀ,ଲେମ୍ପର ଭାରପ୍ରାପ୍ତ ଏମ.ଡ଼ି ସୁଦେଶ ପଟ୍ଟନାୟକ ଙ୍କ ସହ ସମସ୍ତ କର୍ମଚାରୀ ଏବଂ କୋଟପାଡ଼ ବ୍ଲକର ସମସ୍ତ ଚାଷୀ ମାନେ ଉପସ୍ଥିତ ଥିଲେ,ଗତ ୧ ଜୁନ ରେ ଜିଲ୍ଲା ସ୍ତରୀୟ ଧାନମଣ୍ଡିର ଶୁଭ ଉଦଘାଟନ ହୋଇଥିଲା ବେଳେ,ବିଧାୟକ ଆଜି କୋଟପାଡ଼ ବ୍ଲକ ସ୍ତରୀୟ ବୋବେୟା ଧାନମଣ୍ଡିରେ ସମସ୍ତ ଚାଷୀମାନଙ୍କ ଧାନ ଉଠାଯିବ ବୋଲି ପ୍ରକାଶ କରିବା ସହିତ ଲେମ୍ପ ଓ ଆର ଏମ ସି କର୍ମଚାରୀ ମାନଙ୍କୁ ତାଗିଦ କିରିଥିଲେ, ବିଶେଷକରି ଚାଷୀମାନେ କାଳ ବୈଶାଖୀ ତାଣ୍ଡବକୁ ନେଇ ଚିନ୍ତିତ ଥିବା ସହିତ ବିଭିନ୍ନ ମଣ୍ଡି ମାନଙ୍କରେ ଯଥା ଶୀଘ୍ର ସେଡ ଆବଶ୍ୟକ ଥିବାର ବିଧାୟକ ରୁପୁ ଭତରାଙ୍କ ଠାରେ ଉପସ୍ଥାପନା କରିଥିଲେ, ଆଜିର ଧାନମଣ୍ଡିରେ ଚାଷୀମାନେ ଉପସ୍ଥିତ ରହି ନିଜ ନିଜର ମତାମତ ଉପସ୍ଥାପନା କରିଥିଲେ।

ଭାଲୁମୁଣ୍ଡା କଲେଜର ଦବଙ୍ଗ ଗୁଣ୍ଡା ଦିନ ମେହେର

କଣ୍ଟାବାଞ୍ଜି,୪।୬: ସରକାରୀ ଚାକିରୀ କରି ଗୁଣ୍ଡାଗିରି ର ସୀମା ପାର କରି ରକ୍ତମୁଖା ସାଜିଛି। ଭାଲୁମୁଣ୍ଡା ପ୍ରସନ୍ନ ପାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୂଖ୍ୟ କିରାଣୀ ଦିନଦୟାଳ ମେହେର ଓରଫ୍ ଦିନ। ବଲାଙ୍ଗୀର ଜିଲ୍ଲା ଭାଲୁମୁଣ୍ଡା ପ୍ରସନ୍ନ ପାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୁଖ୍ୟ କିରାଣୀ ଙ୍କ ଗୁଣ୍ଡାଗିରି କୁ ନେଇ ଭାଲୁମୁଣ୍ଡା କଲେଜ ଉଠୁଛି ପଡୁଛି।ସୂଚନା ଅନୁଯାୟୀ ଗତ ମାସ ୯ ତାରିଖ ଦିନ କଲେଜରେ ଚାଲିଥିବା ଦୁର୍ନୀତିକୁ ନେଇ ପୁରାତନ ଛାତ୍ର ମାନେ ସ୍ୱର ଉଠାଇ ଲୋକ ଲୋଚନ କୁ ଆଣି ଦୁର୍ନୀତି ର ଫର୍ଦ୍ଦ ଫର୍ଦ୍ଦ ଖୋଲି ଦେଇଥିଲେ। ଠିକ ସେତେବେଳେ ଭାଲୁମୁଣ୍ଡା କଲେଜର ମୂଖ୍ୟ କିରାଣୀ ଦୁର୍ନୀତି ପର୍ଦାଫାଶ ହୋଇଯିବା ଭୟରେ ଅଭିଯୋଗ କାରି କୁଳଦିପ୍ ସାହୁ,ବିନୋଦ ମେହେର, ରୁଷି

ରଣା,ବିକ୍ରମ ମେହେର,କାହ୍ନୁ ତାଣ୍ଡି, ଫକୀର ମେହେର,ତୁଳାରାମ ରଣା,ଓମ ଭୋଇ,ହରେ ମେହେର,ଗଣେଶ ମେହେର, ସନ୍ତୋଷ ମେହେର, ଦୁର୍ଣ୍ଣ ଭୋଇ, ଲାଲ ରଣା ପ୍ରମୁଖ ଲୋକ ମାନଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରି ଦବଙ୍ଗ ଗୁଣ୍ଡା ଦିନଦୟାଳ ମେହେର। ସେଠାକୁ ଯାଇଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ବିନା ଦୋଷରେ ଆକ୍ରମଣ କରି ଦୁମ ଫିଙ୍ଗି ଗୁଣ୍ଡାଗିରିର ଚରମ ନିଷ୍ପତି କାରନାମା ରଚିଥିଲେ। ବର୍ତ୍ତମାନ ଗୁଣ୍ଡା ଦିନଦୟାଲ ମେହେରଙ୍କ ଗୁଣ୍ଡାଗିରି ଅଡିଓ ମୋବାଇଲକୁ ମୋବାଇଲ ଘୁରି ବୁଲୁଛି। ତେବେ ଏ ଘଟଣା ଉପରେ ପୋଲିସ ମାମଲା ରୁଜୁକରି ଅଧିକ ତଦନ୍ତ ଚଳେଇଛି। ତେବେ କଲେଜର ଲକ୍ଷ ଲକ୍ଷ ଟଙ୍କାକୁ ଦୁର୍ନୀତି କରି ଆତ୍ମସାତ କରାଯାଇଥିବା ବେଳେ ଏବେ ବଂଚିବା ପାଇଁ କଲେଜ କର୍ତ୍ତୃପକ୍ଷ ଲକ୍ଷ ଲକ୍ଷ ଟଙ୍କା ବାଣ୍ଟି ଦୁର୍ନୀତିକୁ ଚପେଇବାର ପ୍ରୟାସ ଜାରି ରଖିଛନ୍ତି। ତେବେ ଦୁର୍ନୀତି ଉପରେ ଟିଟିଲାଗଡ଼ ଉପ ଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ସହକାରୀ କଲେକ୍ଟରଙ୍କୁ।

ସ୍ୱେଚ୍ଛାସେବୀ ସଂଗଠନ 'ସନ୍ଦେଶ' ତରଫରୁ ରାସନ କିଟ୍ ବଣ୍ଟନ

ବାଲେଶ୍ୱର,୪।୬: ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ସନ୍ଦେଶ' ତରଫରୁ ସଦର ବ୍ଲକ ଅନ୍ତର୍ଗତ ପରିଖୀ ଗ୍ରାମପଞ୍ଚାୟତରେ ବାସ କରୁଥିବା ଗରିବ, ଅସହାୟ, ବିଧବା, ବୃଦ୍ଧବୃଦ୍ଧା ବ୍ୟକ୍ତି ବିଶେଷ ୫୦ ଗୋଟି ପରିବାରକୁ ରାସନ କିଟ ବଣ୍ଟନ କରାଯାଇଅଛି । ସ୍ୱେଛାସେବୀ ସଂଗଠନ 'ସନ୍ଦେଶ'ର ସଭାପତି ଆୟୁବ ଆଲି ଖାଁଙ୍କ ପୌରାହିତ୍ୟରେ ରାସନ କିଟରେ ସ୍ଥାନ ପାଇଥିବା ଦୈନନ୍ଦିନ ଖାଦ୍ୟ ସାମଗ୍ରୀ ପ୍ୟାକେଜ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସଂଗଠନର ସମ୍ପାଦକ ସୋହେଲ ଆବାସ ଖାଁଙ୍କ ତତ୍ତ୍ୱାବଧାନରେ ସନ୍ଧ୍ୟାରାଣୀ ସେଠି, ଆକବର ଆଲି ଖାଁ, ରମେଶ ସିଂ ଆସଗର ଆଲି ଖାଁ, ଗୋପୀନାଥ ମଣ୍ଡଳ ଓ ଶୋଏବ ଅଖତାର ଖାଁ ପ୍ରମୁଖ ରାସନ କିଟ ବଣ୍ଟନରେ ସହଯୋଗ କରିଥିଲେ । ସଂଗଠନର ଏଭଳି କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି, ସ୍ୱେଚ୍ଛାସେବୀ ସଂଗଠନ 'ସନ୍ଦେଶ' ଅସହାୟ ବ୍ୟକ୍ତିଙ୍କୁ ସମ୍ପୂର୍ଣ୍ଣ ଭରସାର ଏକ ଆଦର୍ଶ ଅନୁଷ୍ଠାନ ବୋଲି ଅଞ୍ଚଳରେ ମତ ପ୍ରକାଶ ପାଇଛି ।

ସାତଫେରା ପୂର୍ବରୁ ବଦଳିଗଲା ମନ

ବିବାହ ମଣ୍ଡପରୁ ଉଠିଗଲେ ବର



ବାଲେଶ୍ୱର,୪।୬: ବିବାହ ଚାଲିଥିବା ବେଳେ ଅଧାରୁ ବେଦୀ ଛାଡ଼ି ବର ଚାଲିଯିବା ଘଟଣା ବାଲେଶ୍ୱର ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ଏଭଳି ଅଭାବନୀୟ ଘଟଣା ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ରାଧାକୃଷ୍ଣ ମନ୍ଦିରରେ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅଞ୍ଚଳର ଲାବଣ୍ୟସ୍ମିତା ମହାନ୍ତ ଓ କ୍ଷୀରୋଦ ମହାନ୍ତଙ୍କ ମଧ୍ୟରେ ପ୍ରାୟ ତିନି ବର୍ଷ ଧରି ପ୍ରେମ ସମ୍ପର୍କ ରହିଥିଲା। ଗତ ତିନି ମାସ ହେବ ଉଭୟେ ଘର ଛାଡ଼ି ବାଲେଶ୍ୱରରେ ଏକ ଭଡ଼ା ଘରେ ରହୁଥିଲେ। ବୁଧବାର ଉଭୟଙ୍କ ସହମତିରେ ରେଜିଷ୍ଟ୍ରି ବିବାହ ସମ୍ପନ୍ନ ହୋଇଥିବା ବେଳେ ପରେ ହିନ୍ଦୁ ରୀତିନୀତି ଅନୁଯାୟୀ ରାଧାକୃଷ୍ଣ ମନ୍ଦିରରେ ବିବାହ କାର୍ଯ୍ୟ ଚାଲିଥିଲା।ତେବେ ବିବାହ ଚାଲିଥିବା ସମୟରେ ବର ପକ୍ଷର କିଛି ବ୍ୟକ୍ତି ମନ୍ଦିରକୁ ପହଞ୍ଚି ବରଙ୍କୁ ବିବାହ ନ କରିବା ପାଇଁ ବୁଝାଇଥିବା ଅଭିଯୋଗ ହୋଇଛି। ଏହା ପରେ ବର ହଠାତ୍ ବିବାହ କରିବାକୁ ମନା କରି ବେଦୀ ଛାଡ଼ି ଚାଲିଯାଇଥିଲେ। ଅନ୍ୟପକ୍ଷରେ କନ୍ୟା ଲାବଣ୍ୟସ୍ମିତା ବିବାହ ସମ୍ପନ୍ନ କରିବାକୁ ଅଡ଼ି ବସିଥିଲେ। ଘଟଣା ପରେ ସହଦେବଖୁଣ୍ଟା ଥାନା ପୁଲିସ ହସ୍ତକ୍ଷେପ କରି ବରଙ୍କୁ ଅଟକ ରଖି ପଚରାଉଚରା କରୁଛି। ଝିଅ ଘର ଛାଡ଼ି ଆସିଥିବାରୁ ଏବେ ତାଙ୍କ ଭବିଷ୍ୟତକୁ ନେଇ ପରିବାର ଚିନ୍ତାରେ ପଡ଼ିଛନ୍ତି। ସେପଟେ ବରଙ୍କ ପରିବାର ଏହି ବିବାହକୁ ଗ୍ରହଣ କରିବାକୁ ନାରାଜ ଥିବା ଜଣାପଡ଼ିଛି। ଉଭୟ ପକ୍ଷଙ୍କୁ ଥାନାରେ ରଖି ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

ହାତିବନ୍ଧା ଗ୍ରାମ ପଞ୍ଚାୟତକୁ ଜାତୀୟ ପଞ୍ଚାୟତ ପୁରସ୍କାର

ବଣାଇଁ,୪।୬: ସୁନ୍ଦରଗଡ ଜିଲ୍ଲାର ଲାଠିକଟା ବ୍ଲକ ଅନ୍ତର୍ଗତ ହାତିବନ୍ଧା ଗ୍ରାମ ପଞ୍ଚାୟତ ଜାତୀୟ ସ୍ତରରେ ରାଜ୍ୟ ପାଇଁ ଗୌରବ ଆଣିଛି। ନୂଆଦିଲ୍ଲୀରେ ଆୟୋଜିତ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ ଉତ୍ସବରେ ବର୍ଷ ୨୦୨୩-୨୪ ବର୍ଷ ପାଇଁ ଦୀନ ଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ଜିଲ୍ଲାର ଲାଠିକଟା ବ୍ଲକ୍ ଅନ୍ତର୍ଗତ ହାତିବନ୍ଧା ଗ୍ରାମ ପଞ୍ଚାୟତ କୁ "ସ୍ୱଚ୍ଛ ଓ ସବୁଜ ପଞ୍ଚାୟତ" ବର୍ଗରେ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଏବଂ ରାଜ୍ୟମନ୍ତ୍ରୀ ଏସପି ସିଂହ ବାଘେଲ ଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା। ହାତିବନ୍ଧା ଗ୍ରାମ ପଞ୍ଚାୟତର ସରପଞ୍ଚ ଭାରତୀ ମୁଣ୍ଡାରୀ, ପିଇଓ ଜୟଶ୍ରୀ ସ୍ୱାଇଁ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ କୁମାର ସାହୁ ଏହି ସମ୍ମାନ ଗ୍ରହଣ କରିଥିଲେ। ଲାଠିକଟା ବ୍ଲକ, ଜିଲ୍ଲା ପ୍ରଶାସନ ଏବଂ ସମସ୍ତ ଲାଇନ ବିଭାଗର ସମନ୍ୱିତ ପ୍ରୟାସ ସହିତ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ସକ୍ରିୟ ମାର୍ଗଦର୍ଶନରେ ଏହି ସଫଳତା ସମ୍ଭବ ହୋଇପାରିଛି । ଏହି ଉପଲବ୍ଧି ଜିଲ୍ଲାର ପଞ୍ଚାୟତ ଶାସନ, ସ୍ୱଚ୍ଛତା ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ କାର୍ଯ୍ୟର ଜାତୀୟ ସ୍ୱୀକୃତି ବୋଲି ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ କୁମାର ସାହୁ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଦେଶର ଗ୍ରାମାଞ୍ଚଳରେ ଦୀର୍ଘସ୍ଥାୟୀ ବିକାଶକୁ ପ୍ରୋତ୍ସାହନ ଦେବା ଲାଗି ପଞ୍ଚାୟତି ରାଜ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯାଇ ଆସୁଛି । ଏହି ପୁରସ୍କାର ଜରିଆରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ପଞ୍ଚାୟତଗୁଡ଼ିକୁ ଜାତୀୟ ସ୍ତରର ମାନ୍ୟତା ଏବଂ ଆର୍ଥିକ ପ୍ରୋତ୍ସାହନ ମିଳିଥାଏ ।

ବେଆଇନ ବାଲି ଓ ମାଟି ଉତ୍ତୋଳନ ସମ୍ପର୍କିତ ଅଭିଯୋଗ

- ଅଞ୍ଚଳରେ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ତଦନ୍ତ
- ଜବତ ହେଲା ଜେସିବି

ବାଲେଶ୍ୱର,୪।୬: ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗୁରୁବାର ବାଲିଆପାଳ ବ୍ଲକର ଦେଉଳା ଓ ମଧୁପୁରା ଅଞ୍ଚଳରେ ପହଞ୍ଚି ବେଆଇନ ବାଲି ଓ ମାଟି ଉତ୍ତୋଳନ ସମ୍ପର୍କିତ ଅଭିଯୋଗର ତଦନ୍ତ କରିଥିଲେ। ମାଫିଆମାନଙ୍କ ଦ୍ୱାରା ବ୍ୟାପକ ପରିମାଣରେ ବାଲି ଓ ମାଟି ଉତ୍ତୋଳନ କରାଯାଇ ଚାଲାଣ ହେଉଥିବା ଖବର ପାଇ ସେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସାଂସଦଙ୍କ ସହ ତହସିଲଦାର, ପୁଲିସ ଓ ଖଣି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏକ ସର୍ଟକଟ୍ ରାସ୍ତା ଓ ବାଉଁଶ ପୋଲ ଦେଇ ସେମାନେ ବେଆଇନ ଉତ୍ତୋଳନ ଚାଲିଥିବା ସ୍ଥାନରେ ପହଞ୍ଚିଥିଲେ। ସେଠାରେ ଉତ୍ତୋଳନ କାର୍ଯ୍ୟରେ

ନିୟୋଜିତ ଥିବା ଏକ ଜେସିବି ମେସିନ୍ ?କୁ ଜବତ କରାଯାଇଥିଲା। ପରିଦର୍ଶନ ପରେ ସାଂସଦ ଶ୍ରୀ ଷଡ଼ଙ୍ଗୀ କହିଥିଲେ ଯେ, ଏଭଳି ଭାବରେ ଲକ୍ଷ ଲକ୍ଷ ଟ୍ରିପ୍ ବାଲି ଓ ମାଟି ବେଆଇନ ଭାବେ ଉତ୍ତୋଳନ ହୋଇ ଚୋରା ଚାଲାଣ ହେଉଛି। ତେବେ ସେ ଗୁପ୍ତ ଭାବେ ଘଟଣାସ୍ଥଳରେ ପହଞ୍ଚି ପାରୁଥିବା ବେଳେ ଖଣି ବିଭାଗ, ପୁଲିସ ଓ ରାଜସ୍ୱ ବିଭାଗ କିପରି ଏ ସମ୍ପର୍କରେ ଅବଗତ ନୁହନ୍ତି ବୋଲି ପ୍ରଶ୍ନ ଉଠାଇଥିଲେ। ଏନେଇ ସେ ଜିଲ୍ଲାପାଳ ଓ ପୁଲିସ ଅଧୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସହ ବେଆଇନ ଖଣି କାର୍ଯ୍ୟକଳାପ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

ଜିଲ୍ଲା ପ୍ରଶାସନର ନିଷ୍ପତ୍ତି ବିରୋଧ

ଜୁନ୍ ୧୨ରେ ବରିଷ୍ଠ ନାଗରିକଙ୍କ ଗଣଧାରଣା

ବାଲେଶ୍ୱର,୪।୬: ବାଲେଶ୍ୱର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆସନ୍ତା ଜୁନ୍ ୧୨ ତାରିଖ (ଶୁକ୍ରବାର) ସକାଳ ୮ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଗୁରୁବାର ପୂର୍ବାହ୍ନରେ ମଞ୍ଚର କାର୍ଯ୍ୟକର୍ତ୍ତା ବୈଠକ ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ସରକାରଙ୍କ ସମନ୍ୱିତ ବହୁମୁଖୀ ପ୍ରକଳ୍ପ (ଆଇଆଇସି) ପାଇଁ ୨୦୧୯ ମସିହାରେ ରେମୁଣା ବ୍ଲକ୍ ?ର ଦହପଡ଼ା ମୌଜାରେ ୨୦ ଏକର ଉନ୍ନୟନଯୋଗ୍ୟ ଜମି ଚିହ୍ନଟ କରାଯାଇ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ନାମରେ ପଟ୍ଟା

ପ୍ରଦାନ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଜିଲ୍ଲା ପ୍ରଶାସନ ଏହି ପ୍ରକଳ୍ପକୁ ଦହପଡ଼ାରୁ ନୀଳଗିରି ଅଞ୍ଚଳର ସଜନାଗଡ଼ ଜଙ୍ଗଲ ପରିସରକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଥିବା ଅଭିଯୋଗ ହୋଇଛି।ଏହି ନିଷ୍ପତ୍ତିକୁ ବିରୋଧ କରି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ଏକାଧିକ ଥର ସ୍ମାରକପତ୍ର ପ୍ରଦାନ କରାଯାଇଥିବା ମଞ୍ଚ ପକ୍ଷରୁ କୁହାଯାଇଛି। ବାଲେଶ୍ୱର ସହର ନିକଟରେ ଦହପଡ଼ା ମୌଜା ଅବସ୍ଥିତ ଥିବାରୁ ପ୍ରକଳ୍ପର ହିତାଧିକାରୀ ଓ ଅନ୍ତେବାସୀମାନେ ସରକାରୀ ଚିକିତ୍ସା, ଯାତାୟାତ ଓ ଅନ୍ୟାନ୍ୟ ମୌଳିକ ସୁବିଧା ସହଜରେ ପାଇପାରିବେ ବୋଲି ମଞ୍ଚର ସଦସ୍ୟମାନେ ମତ ପ୍ରକାଶ କରିଛନ୍ତି। ବୈଠକରେ ସାଧାରଣ ସମ୍ପାଦକ ଦାମୋଦର ନାୟକ ଆଲୋଚନାର ସୂତ୍ରପାତ କରିଥିଲେ। ପ୍ରଦୀପ ଚାଟାର୍ଜୀ, ଗିରିଶ ଚନ୍ଦ୍ର ଦାଶ, କମଳାକାନ୍ତ ବେହେରା, ଗୌରାଙ୍ଗ ପାଣିଗ୍ରାହୀ, ଅନୁସୂୟା ନାୟକ, ଅର୍ଚ୍ଚନା ନନ୍ଦୀ, ଗୀତାଞ୍ଜଳି ଶତପଥୀ, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଦେବେନ୍ଦ୍ରନାଥ ଚୌଧୁରୀ, ରବିନାରାୟଣ ବେହେରା ଓ ଶ୍ୟାମସୁନ୍ଦର ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ପରିବେଶ ସୁରକ୍ଷା ଓ ସ୍ୱଚ୍ଛତାର ବାର୍ତ୍ତା ନେଇ ବାରଙ୍ଗ ବ୍ଲକର ଅଭିନବ ପଦକ୍ଷେପ

ବୃକ୍ଷରୋପଣ ଓ ଜନଭାଗିଦାରୀକୁ ମିଳିଲା ଗୁରୁତ୍ୱ

ଫୁଲନଖରା,୪।୬: ବିଶ୍ୱ ପରିବେଶ ଦିବସ ଅବସରରେ ବାରଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ଗ୍ରାମ ପଞ୍ଚାୟତରେ ପରିବେଶ ସୁରକ୍ଷା, ସ୍ୱଚ୍ଛତା ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବାରଙ୍ଗ ବିଡିଓ ସ୍ୱାଗତ ଦାସଙ୍କ ନିର୍ଦ୍ଦେଶକ୍ରମେ ଜୁନ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ସଚେତନତା ଅଭିଯାନ ୫ ଜୁନ ପର୍ଯ୍ୟନ୍ତ ଚାଲିଛି। ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ପରିବେଶ ସୁରକ୍ଷା ସହ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ-୨୦୨୬ର ସଫଳ କାର୍ଯ୍ୟକାରିତା ସମ୍ପର୍କରେ ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ସଚେତନ କରିବା। ୫ ଜୁନ ତାରିଖରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ କରାଯାଇ ସାଧାରଣ ଲୋକଙ୍କୁ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା, ପ୍ଲାଷ୍ଟିକ

ବ୍ୟବହାର ହ୍ରାସ ଏବଂ ସ୍ୱଚ୍ଛ ପରିବେଶ ଗଠନରେ ସକ୍ରିୟ ଭୂମିକା ନେବାକୁ ଆହ୍ୱାନ କରାଯାଇଥିଲା। ବ୍ଲକ ସ୍ୱଚ୍ଛ ଭାରତ ମିଶନ ସଂଯୋଜକ ମହେନ୍ଦ୍ର ବେହେରା ସୂଚନା ଦେଇ କହିଛନ୍ତି ଯେ, ପରିବେଶ ସୁରକ୍ଷା ଓ ସ୍ୱଚ୍ଛତାକୁ ଲୋକ ଆନ୍ଦୋଳନର ରୂପ ଦେବା ଲକ୍ଷ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ ଚାଲିଛି। ଏହା ମାଧ୍ୟମରେ ଗ୍ରାମାଞ୍ଚଳର ଲୋକମାନଙ୍କୁ କଠିନ ବର୍ଜ୍ୟବସ୍ତୁର ପୃଥକୀକରଣ, ସଂଗ୍ରହ ଓ ବୈଜ୍ଞାନିକ ପରିଚାଳନା ସମ୍ପର୍କରେ ଅବଗତ କରାଯାଉଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପଞ୍ଚାୟତରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସହ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ ରିତାଞ୍ଜଳୀ ସାମଲ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଶ୍ୱକେତନ ସାମଲ, ସୁଜ୍ଞାନି ପତି, ପରିମଳ କର୍ମୀ ସୂର୍ଯ୍ୟକାନ୍ତି ମାଝି, ବିଜୟ କୁମାର ସାହୁ, ସ୍ୱେଚ୍ଛାସେବୀ ଗଣେଶ୍ୱର ପୃଷ୍ଟି, ରବୀନ୍ଦ୍ର ସେଠୀଙ୍କ ସମେତ ବହୁ ପଞ୍ଚାୟତ ପ୍ରତିନିଧି, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ସ୍ଥାନୀୟ ଜନସାଧାରଣ ଯୋଗଦେଇ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ପ୍ରତି ସଚେତନତାର ବାର୍ତ୍ତା ପ୍ରସାର କରିଥିଲେ। ପରିବେଶ ସୁରକ୍ଷା ଓ ସ୍ୱଚ୍ଛ ଗ୍ରାମ ଗଠନ ଦିଗରେ ବାରଙ୍ଗ ବ୍ଲକ ପ୍ରଶାସନର ଏହି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ପ୍ରଶଂସା କରାଯାଉଛି।

ଜୀ ସାର୍ଥକର ତରଫରୁ ଅପଣମାନଙ୍କୁ 'କିଛି ସତ କିଛି ମିଛ'ର ଆଲୋକ ଓ ଛବିର ବିବାହ ଉତ୍ସବ ପାଇଁ ନିମନ୍ତ୍ରଣ

ଫୁଲନଖରା,୪।୬: ଓଡ଼ିଶାର ଲୋକପ୍ରିୟ ମନୋରଞ୍ଜନ ଚ୍ୟାନେଲ୍ 'ଜୀ ସାର୍ଥକ' ନିଜର ଦର୍ଶକମାନଙ୍କ ପାଇଁ ସବୁବେଳେ କିଛି ନା କିଛି ନୂଆ ପ୍ରୟାସ କରିଥାଏ। ଏବେ ଚ୍ୟାନେଲ୍ର ନୂତନ ମେଗା ସିରିଏଲ୍ 'କିଛି ସତ କିଛି ମିଛ'ରେ ଏକ ବଡ଼ ଟ୍ୱିଷ୍ଟ ଆସିବାକୁ ଯାଉଛି। କାହାଣୀର ମୁଖ୍ୟ ଚରିତ୍ର ଆଲୋକ ଏବଂ ଛବିଙ୍କର ବିବାହ ଉତ୍ସବ ଖୁବ୍ ଶୀଘ୍ର ପରଦାକୁ ଆସିବ, ଯାହାକୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ପ୍ରକାଶ ପାଇଛି।ମଙ୍ଗରାଜ ପରିବାରର ପୁଅ ଆଲୋକ ସହ ଛବିଙ୍କର ବିବାହର ସମସ୍ତ ରୀତିନୀତି ଯେପରିକି ହଳଦୀ, ମେହେନ୍ଦୀ ଓ ସଙ୍ଗୀତ କାର୍ଯ୍ୟକ୍ରମ ବଡ଼ ଧୂମଧାମରେ ପାଳନ କରାଯିବ। ଏହି ବିବାହ ଓଡ଼ିଶା ଟେଲିଭିଜନ ଜଗତର ସବୁଠାରୁ ବଡ଼ ଉତ୍ସବ ହେବାକୁ ଯାଉଛି, କାରଣ ଏଥିରେ ଜୀ ସାର୍ଥକର ଅନ୍ୟ ସମସ୍ତ ମେଗା ଧାରାବାହିକର ନାୟକ ଓ

ନାୟିକାମାନେ ଯୋଗ ଦେବେ ଓ ପ୍ରତ୍ୟେକ ସିନ୍ ହେବ ମନଲୋଭା ଓ ଆଣିବ କାହାଣୀରେ ରୋମାଞ୍ଚ। ତେବେ ଏହି ଖୁସିର ମାହୋଲ ଭିତରେ ଛାୟାର ପ୍ରତିଶୋଧ ପରାୟଣ ମନୋଭାବ କାହାଣୀରେ ଏକ ନୂଆ ମୋଡ଼ ଆଣିବ। ପ୍ରତିଶୋଧ ଏବଂ ନ୍ୟାୟର ନିଆଁରେ ଜଳୁଥିବା ଛାୟା ଏହି ବିବାହ ଉତ୍ସବରେ କିଛି ଅଘଟଣ ଘଟାଇବ କି ? କଣ ଏହି ଉତ୍ସବରେ ସବୁ ସତ ସାମ୍ନାକୁ ଆସିବ ? ଏଭଳି ଅନେକ ରୋମାଞ୍ଚକର ପ୍ରଶ୍ନର ଉତ୍ତର ଆଗାମୀ ଏପିସୋଡ୍ଗୁଡ଼ିକରେ ମିଳିବ।ଏହି ମେଗା ସିରିଏଲ୍ରେ ଆଲୋକ ଭୂମିକାରେ ଆର୍ଯ୍ୟ ପ୍ରଧାନ, ଛବି ଭୂମିକାରେ ଅର୍ଚ୍ଚିତା ରାଉତ ଏବଂ ଛାୟା ଭୂମିକାରେ ଅଦିତି ଦାଶ ଚମତ୍କାର ଅଭିନୟ କରୁଛନ୍ତି। ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ରାହୁଲ ରାଓ କହିଛନ୍ତି ଯେ, ଏହି କାହାଣୀ ଓଡ଼ିଶାର ପରମ୍ପରା, ଗ୍ରାମୀଣ ଜୀବନ ଓ ନୈତିକ ମୂଲ୍ୟବୋଧକୁ ସୁନ୍ଦର ଭାବେ ଉପସ୍ଥାପନ କରିବା ସହ ଦର୍ଶକଙ୍କୁ ବିବାହର ଏକ ଅନନ୍ୟ ଅନୁଭୂତି ଦେବେ ନିଶ୍ଚୟ ଯୋଡି ହୁଅନ୍ତୁ ଏହି ଓଡ଼ିଶାର ମନୋରଂଜନ ଜଗତର ସବୁଠାରୁ ବଡ଼ ଉତ୍ସବ ସହିତ ବୋଲି କହିଛନ୍ତି ସେ ନିମନ୍ତ୍ରଣ ଦେଇଛନ୍ତି । ମାର୍ଚ୍ଚ ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଧାରାବାହିକ ପ୍ରତି ସୋମବାରରୁ ଶନିବାର ରାତି ୮ଟାରେ ପ୍ରସାରିତ ହେଉଛି। ତେବେ ଆପଣ ମଧ୍ୟ ଏହି ମେଗା ବିବାହ ଉତ୍ସବର ମଜା ନେବାକୁ ଜମାରୁ ଭୁଲନ୍ତୁ ନାହିଁ।

ଯାହା ପାରିଲା ନାହିଁ ପୌରପାଳିକା, ତାହା କରି ଦେଖାଇଲେ ସମାଜସେବୀ : ଆଶ୍ରିତା ତରେଇ

ବାଲେଶ୍ୱର,୪।୬: ବାଲେଶ୍ୱର ପୌରପାଳିକାର ୨୪ ନମ୍ବର ୱାର୍ଡ ଅନ୍ତର୍ଗତ ବାଲିଘାଟ ଶ୍ମଶାନରେ ପ୍ରାୟ ତିନି ବର୍ଷ ଧରି ଅସହାୟ ଅବସ୍ଥାରେ ରହୁଥିବା ଜଣେ ମହିଳାଙ୍କୁ ଶେଷରେ ଉଦ୍ଧାର କରାଯାଇଛି। ଉଲ୍ଲେଖନୀୟ କଥା ହେଲା, ପୂର୍ବରୁ ପୌରପାଳିକା ପକ୍ଷରୁ ତାଙ୍କୁ ଉଦ୍ଧାର ପାଇଁ ଏକାଧିକ ଥର ଉଦ୍ୟମ କରାଯାଇଥିଲେ ମଧ୍ୟ ସଫଳତା ମିଳିନଥିଲା। ମାତ୍ର ସମାଜସେବୀ ଆଶ୍ରିତା ତରେଇଙ୍କ ଦୃଢ଼ ପଦକ୍ଷେପ ଓ ମାନବିକ ପ୍ରୟାସ ଫଳରେ ଏହି କଠିନ କାର୍ଯ୍ୟ ସମ୍ଭବ ହୋଇପାରିଛି। ବୁଧବାର ଆଶ୍ରିତା ତରେଇ ନିଜେ ଘଟଣାସ୍ଥଳରେ ପହଞ୍ଚି ସ୍ୱେଚ୍ଛାସେବୀ ଚେମ୍ପା ଭାଇ, ଚିତ୍ତରଞ୍ଜନ ନାୟକ, ଗୀତାଞ୍ଜଳି ଦାସ ଓ ଅନ୍ୟ ସହଯୋଗୀମାନଙ୍କୁ ସାଙ୍ଗରେ ନେଇ ମହିଳାଙ୍କୁ ଉଦ୍ଧାର କରିଥିଲେ। ଦୀର୍ଘ ତିନି ବର୍ଷ ଧରି ଶ୍ମଶାନରେ ଅମାନବିକ ପରିସ୍ଥିତିରେ ଜୀବନ ବିତାଉଥିବା ଏହି ମହିଳାଙ୍କୁ ସୁରକ୍ଷିତ ଭାବେ ବାହାରକୁ ଆଣିବା ସହ ତାଙ୍କର ଚିକିତ୍ସା ବ୍ୟବସ୍ଥା ମଧ୍ୟ କରାଯାଇଥିଲା।ଉଦ୍ଧାର ପରେ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ସ୍ୱାସ୍ଥ୍ୟ ପରୀକ୍ଷା ଓ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ତାଙ୍କୁ ଏକ ନାରୀ ସଂଘରେ ଥଇଥାନ କରାଯାଇଛି। ଏପର୍ଯ୍ୟନ୍ତ ମହିଳାଙ୍କର ପରିଚୟ ଜଣାପଡ଼ିନଥିବା ବେଳେ ତାଙ୍କର ପୁନର୍ବାସ ପାଇଁ ପ୍ରୟାସ ଜାରି ରହିଛି।ସମାଜସେବୀ ଆଶ୍ରିତା ତରେଇଙ୍କ ଏହି ମାନବିକ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ପ୍ରଶଂସା କରାଯାଉଛି। ଅନେକଙ୍କ ମତରେ, ଯେଉଁ କାମ ଦୀର୍ଘ ସମୟ ଧରି ସରକାରୀ ସ୍ତରରେ ସମ୍ଭବ ହୋଇନଥିଲା, ତାହାକୁ ଆଶ୍ରିତା ତରେଇ ଓ ତାଙ୍କ ଟିମ୍ ମାନବିକତା ଓ ସେବାଭାବର ନିଦର୍ଶନ ଦେଇ ସଫଳ କରି ଦେଖାଇଛନ୍ତି।

ରୋଗୀ ସେବାରେ ଉତ୍ସର୍ଗୀକୃତ ଜୀବନ; ଫାର୍ମାସିଷ୍ଟ ଦୀପକ ଦାସଙ୍କୁ ଭାବବିହ୍ୱଳ ସମ୍ବର୍ଦ୍ଧନା

ଜଗତସିଂହପୁର,୪।୬: ଦୀର୍ଘ ୩୫ ବର୍ଷ ଧରି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନିଷ୍ଠା ଓ ଆନ୍ତରିକତାର ସହ କାର୍ଯ୍ୟ କରି ଲୋକସେବାରେ ନିଜକୁ ସମର୍ପିତ କରିଥିବା ଫାର୍ମାସିଷ୍ଟ ଦୀପକ ଦାସଙ୍କ ଅବସର ଗ୍ରହଣ ଅବସରରେ ଏକ ଭାବବିହ୍ୱଳ ବିଦାୟ ସମ୍ବର୍ଦ୍ଧନା ସମାରୋହ ରାହାମାସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଅବସର ଗ୍ରହଣ କରିଥିବା ଦୀପକ ଦାସ ନିଜର ହସହସ ମୁହଁ, ମଧୁର ବ୍ୟବହାର ଓ ଦାୟିତ୍ୱବୋଧ ପାଇଁ ସମସ୍ତଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଥିଲେ। "ମାନବ ସେବା ହିଁ ମାଧବ ସେବା"କୁ ଆଦର୍ଶ ଭାବେ ଗ୍ରହଣ କରି ସେ ଅସଂଖ୍ୟ ରୋଗୀଙ୍କ

ସେବା କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ରାହାମା ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ବିଦାୟ ଉତ୍ସବରେ ପରିଷଦର ସଭାପତି ପ୍ରଦୀପ କୁମାର ବେଉରା ଓ ସମ୍ପାଦକ ନୃସିଂହ ଚରଣ ସେନାପତି ନେତୃତ୍ୱ ନେଇଥିଲେ। ମୁଖ୍ୟ ଅତିଥି ଭାବେ ବିଷ୍ଣୁପ୍ରିୟା ଦାସ, ମୁଖ୍ୟ ବକ୍ତା ବିଷ୍ଣୁ ପ୍ରସାଦ କାନୁନଗୋ, ସମ୍ମାନିତ ଅତିଥି ଅଜୟ କୁମାର ସାହୁ, ବିଶିଷ୍ଟ ବ୍ୟବସାୟୀ ଭିକାରି ସେନାପତି, ପ୍ରଶାନ୍ତ କାନୁନଗୋ, ରାହାମା ବଜାର କମିଟି ସଭାପତି ଶିଶିର ଦାସ, ପର୍ଶୁରାମ ମାଣିକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆଇନଜୀବୀ ଓ ସମାଜସେବୀ ଡ଼. ସୁନାକର ବେହେରା ମଞ୍ଚ ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବକ୍ତାମାନେ ଦୀପକ ଦାସଙ୍କ କର୍ମମୟ ଜୀବନ, ସେବା ମନୋଭାବ ଓ ମାନବିକ ଗୁଣାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ସମାରୋହରେ ଦୀପକ ଦାସଙ୍କ ସହ ଜଡ଼ିତ ଅନେକ ଅଭୁଲା ସ୍ମୃତି ଓ ଅକୁହା କଥାକୁ ସ୍ମରଣ କରି ବହୁ ଅତିଥି ଭାବପ୍ରବଣ ହୋଇପଡ଼ିଥିଲେ। ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ବିଦାୟ ମୁହୂର୍ତ୍ତରେ ଉପସ୍ଥିତ ଅନେକଙ୍କ ଆଖି ଛଳଛଳ ହୋଇଯାଇଥିଲା ଏବଂ ସମସ୍ତେ ତାଙ୍କ ସୁସ୍ଥ, ସୁଖମୟ ଅବସର ଜୀବନ କାମନା କରିଥିଲେ।

ସୁଦର୍ଶନ ଡିଗ୍ରୀ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଐତିହାସିକ ଇଣ୍ଟର୍ଣ୍ଣସିପ୍

ଅବହେଳିତ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନ ଓ ଅବଦାନକୁ ଲୋକଲୋଚନକୁ ଆଣିବାକୁ ଗୁରୁତ୍ୱାରୋପ

ଫୁଲନଖରା,୪।୬: କଟକ ସଦର ବୟାଳିଶମୌଜା ଅଞ୍ଚଳର ସାମାଜିକ, ଐତିହାସିକ ଓ ସାଂସ୍କୃତିକ ଚେତନାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସୁଦର୍ଶନ ମହାବିଦ୍ୟାଳୟର ଇତିହାସ ବିଭାଗର ଛାତ୍ରଛାତ୍ରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଅଗ୍ରଣୀ ସାମାଜିକ ସଂଗଠନ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ, ପଟଣା ପକ୍ଷରୁ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ସ୍ଥାନୀୟ ଇତିହାସ, ସ୍ୱାଧୀନତା ସଂଗ୍ରାମ ଏବଂ ଅଞ୍ଚଳର ମହାନ ସଂଗ୍ରାମୀମାନଙ୍କ ଅବଦାନ ସମ୍ପର୍କରେ ଅବଗତ କରାଯାଇଥିଲା। ବୟାଳିଶମୌଜା ଉନ୍ନୟନ ପରିଷଦର ଅଧ୍ୟକ୍ଷ ଅନୀଲ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ୟାପିଟାଲ୍ ଆଇନ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ଼. ଅମରେଶ ସାହୁ, ସୁଦର୍ଶନ ଡିଗ୍ରୀ ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପିକା ତୃପ୍ତି ଦାସ, ପ୍ରତିଷ୍ଠାନର ସଂଗଠନ ସମ୍ପାଦକ ନାରାୟଣ ଚନ୍ଦ୍ର ମହାନ୍ତି, ବିଶିଷ୍ଟ ଶିଳ୍ପୀ ଉପେନ୍ଦ୍ର ବାରିକଙ୍କ ସମେତ ବହୁ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଭାରତର ସ୍ୱାଧୀନତା ସଂଗ୍ରାମ କେବଳ ଜାତୀୟ ସ୍ତରର ନେତାମାନଙ୍କ ଅବଦାନରେ ସୀମିତ ନଥିଲା; ଗ୍ରାମାଞ୍ଚଳ ଓ ଆଞ୍ଚଳିକ ସ୍ତରରେ ଅନେକ ଅଜଣା ଓ ଅବହେଳିତ ସଂଗ୍ରାମୀ ନିଜ ଜୀବନକୁ ଦେଶମାତୃକା ପାଇଁ ଉତ୍ସର୍ଗ କରିଥିଲେ। ସେମାନଙ୍କର ତ୍ୟାଗ, ସାହସ ଓ ଦେଶପ୍ରେମ ସ୍ୱାଧୀନତାର ବହ୍ନିକୁ ଜନମାନସରେ ପ୍ରଜ୍ୱଳିତ କରିଥିଲା। କିନ୍ତୁ ଦୁଃଖର ବିଷୟ, ସେହି ମହାନ ବ୍ୟକ୍ତିବିଶେଷମାନଙ୍କ ଅନେକଙ୍କୁ ଆଜି ପର୍ଯ୍ୟନ୍ତ ଜାତୀୟ ସ୍ତରରେ ଯଥୋଚିତ ସମ୍ମାନ ଓ ସ୍ୱୀକୃତି ମିଳିପାରିନାହିଁ। ବକ୍ତାମାନେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ, ଇତିହାସର ଏହି ଅମୂଲ୍ୟ ଅଧ୍ୟାୟଗୁଡ଼ିକୁ କେବଳ ପାଠ୍ୟପୁସ୍ତକରେ ସୀମିତ ନ ରଖି, ସେହି ମହାନ ସଂଗ୍ରାମୀମାନଙ୍କ ଜୀବନୀ, କାର୍ଯ୍ୟାବଳୀ ଓ ଆଦର୍ଶକୁ ନୂତନ ପିଢ଼ି ନିକଟରେ ପହଞ୍ଚାଇବା ଆବଶ୍ୟକ। ଏହାଦ୍ୱାରା ଯୁବପିଢ଼ି ଦେଶପ୍ରେମ, ସମାଜସେବା ଓ ନୈତିକ ମୂଲ୍ୟବୋଧ ପ୍ରତି ଅଧିକ ସଚେତନ ହୋଇପାରିବେ। କାର୍ଯ୍ୟକ୍ରମରେ ବୟାଳିଶମୌଜା ଅଞ୍ଚଳର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଧନଞ୍ଜୟ ମହାନ୍ତି, ପ୍ରତିନିଧି ମହାନ୍ତି, ଶ୍ରୀଧର ଦଳେଇ ଓ ପ୍ରହ୍ଲାଦ ନାୟକଙ୍କ ଜୀବନ ସଂଘର୍ଷ, ସ୍ୱାଧୀନତା ଆନ୍ଦୋଳନରେ ସେମାନଙ୍କ ଭୂମିକା ଏବଂ ସାମାଜିକ ଅବଦାନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ବିଶ୍ୱ ସାଇକେଲ ଦିବସରେ WOW କ୍ଲବର ସାଇକେଲ ରାଲି

ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷାର ବାର୍ତ୍ତା

ବାଲେଶ୍ୱର,୪।୬: ବିଶ୍ୱ ସାଇକେଲ ଦିବସ ଅବସରରେ ବାଲେଶ୍ୱରର ୱେଲନେସ୍ ଅନ୍ ହ୍ୱିଲ୍ସ (ଡବ୍ଲ୍ୟୁଓଡବ୍ଲ୍ୟୁ) କ୍ଲବ ପକ୍ଷରୁ ଏକ ସଚେତନତାମୂଳକ ସାଇକେଲ ରାଲି ଆୟୋଜିତ ହୋଇଥିଲା। ଏହି ରାଲି ମାଧ୍ୟମରେ ସଦସ୍ୟମାନେ ସୁସ୍ଥ ଜୀବନଶୈଳୀ, ଶାରୀରିକ ଫିଟନେସ୍ ଏବଂ ପରିବେଶ ସୁରକ୍ଷାର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇଥିଲେ।କ୍ଲବର ସଭାପତି ସୟଦ ସଲିମ ରଜାଙ୍କ ନେତୃତ୍ୱରେ ଆୟୋଜିତ ଏହି ରାଲି ବାଲେଶ୍ୱରର ଗାନ୍ଧୀ ସ୍ମୃତି ଭବନରୁ ଆରମ୍ଭ ହୋଇ ଷ୍ଟେସନ ଛକ, ପୋଲିସ ଲାଇନ ଛକ, ଆଇ ଲଭ ବାଲେଶ୍ୱର ଛକ ଏବଂ ଫକୀରମୋହନ ଗୋଲେଇ ଦେଇ ପୁନର୍ବାର ଗାନ୍ଧୀ ସ୍ମୃତି ଭବନରେ ସମାପ୍ତ ହୋଇଥିଲା।ଏହି ଅବସରରେ କ୍ଲବ ସଦସ୍ୟମାନେ କହିଥିଲେ ଯେ ସାଇକେଲ ଚଳାଇବା ଶାରୀରିକ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିବା ସହ ପରିବେଶ ପ୍ରଦୂଷଣ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ। ତେଣୁ ଦୈନନ୍ଦିନ ଜୀବନରେ ଅଧିକରୁ ଅଧିକ ସାଇକେଲ ବ୍ୟବହାର କରି ଏକ ସୁସ୍ଥ ସମାଜ ଓ ପରିଷ୍କାର ପରିବେଶ ଗଠନରେ ସମସ୍ତେ ଭାଗୀଦାର ହେବାକୁ ସେମାନେ ଆହ୍ୱାନ ଜଣାଇଥିଲେ। ରାଲି ସମୟରେ ନିୟମିତ ବ୍ୟାୟାମ, ଶାରୀରିକ ସକ୍ରିୟତା ଓ ପ୍ରଦୂଷଣମୁକ୍ତ ଯାତାୟାତ ବ୍ୟବସ୍ଥାର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ଲବର ସକ୍ରିୟ ସଦସ୍ୟ ସୌମ୍ୟ ରଞ୍ଜନ ବନ୍ଧାଣୀ, ଶେଖ ମୁଜାହିଦ, ଶେଖ ଅକ୍ରମ, ଓମ ସାହୁ, ଆସିଆ ରଜା ଓ ଅବଦୁଲ କଲିମଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ରାଲିକୁ ସଫଳ କରିଥିଲେ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati